ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.148 Bhubaneswar Wednesday July 19 2023 | ୨୬ତମ ବର୍ଷ ସଂଖ୍ୟା–୧୪୮ ଭୁବନେଶ୍ୱର, ବୁଧବାର, ଜୁଲାଇ ୧୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

# ବିଜେଡି ସଂସଦୀୟ ଦଳ ବୈଠକ: ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି, ମହାନଦୀ-ପୋଲାଭରମ ପ୍ରସଙ୍ଗରୁ ଓହରିଲା ବିଜେଡି

ଭୁବନେଶ୍ୱର,୧୮।୭(ପି.ଏନ): ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଆଜି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଛି । ସଂସଦରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବାକୁ ଦଳୀୟ ସାଂସଦମାନଙ୍କୁ ନବୀନ ପରାମର୍ଶ ଦେଇଥିବାବେଳେ ବିଜେଡି ନିଜର ନିର୍ବାଚନୀ ପ୍ରତିଶ୍ରୁତି 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା'ଦାବି ଓ ମହାନଦୀ ଜଳବିବାଦ-ପୋଲାଭରମ ବିବାଦ ପ୍ରସଙ୍ଗରେ ରାଜନୀତିକ ଲଢ଼େଇରୁ ଓହରିଯାଇଛି । ଆଉ ଚିରାଚରିତ ଢଙ୍ଗରେ 'ମହିଳା ସଂରକ୍ଷଣ' ପ୍ରସଙ୍ଗ ସମେତ କେନ୍ଦୁପତ୍ର ଉପରୁ ଜିଏସଟି ହ୍ରାସ, ପ୍ରଧାନମନ୍ତ୍ରୀ ଆବାସରେ ଅଧିକ ଘର, ଏମଏସପି ବୃଦ୍ଧି ପ୍ରସଙ୍ଗରେ ସ୍ୱାମୀନାଥନ୍ କମିଟି ସୁପାରିଶକୁ ଲାଗୁ, କୋଷ୍ଟାଲ ହାଇୱେ ନିର୍ମାଣ, ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ, ଅଷ୍ଟମ ଅନୁଚ୍ଛେଦରେ ହୋ, ମୁଣ୍ଡାରୀ ଓ ଭୂମିଜ ଭାଷାକୁ ସାମିଲ ସହ ବହୁ ଆଦିବାସୀ ସମୁଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ, ଏଫସିଆଇ ବଳକା ଚାଉଳ ଉଠାଣ , ଚାଷୀଙ୍କୁ ଫସଲବୀମା ସୁବିଧା ନମିଳିବା, କେନ୍ଦ୍ର ସରକାରରୁ ଆବଶ୍ୟକ ସହଯୋଗ ମିଳୁନଥିବା, କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟର ଅଂଶ ମିଳିବାରେ ଅବହେଳା ଆଦି ପ୍ରସଙ୍ଗକୁ ସଂସଦରେ ଉଠାଇବାକୁ ନବୀନ ପରାମର୍ଶ ଦେଇଛନ୍ତି ।ସଂସଦୀୟ ଦଳ ବୈଠକରେ ଦଳୀୟ ସାଂସଦମାନଙ୍କୁ ସମ୍ବୋଧିତ କରି ନବୀନ କହିଛନ୍ତି ଯେ,ଓଡିଶା କ୍ରମାଗତ ଭାବେ ରାଜ୍ୟର ଅଂଶଧନ ଓ କେନ୍ଦ୍ରୀୟ ପାଣ୍ଠି ପାଇବାରେ ଅବହେଳାର ସମ୍ମୁଖୀନ ହେଉଛି । 'ସ୍ପେଶାଲ ଫୋକସ ଷ୍ଟେଟ' ପାଇଁ ଆମର ଦାବି ଅଧିକ ମୁଖର ଓ ଦୃଢ଼ ହେବା ଉଚିତ । ତେବେ 'ସ୍ପେଶାଲ ଷ୍ଟେଟ ଷ୍ଟାଟସ କାଟୋଗୋରୀ'ରୁ 'ସ୍ପେଶାଲ ଫୋକସ୍ ଷ୍ଟେଟ' ପାଇଁ ଦଳୀୟ ସାଂସଦଙ୍କୁ ପରାମର୍ଶକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୧୯ ସାଧାରଣ ନିର୍ବାଚନୀ ଇସ୍ତାହାରରେ ବିଜେଡି 'ସ୍ପେଶାଲ ଷ୍ଟେଟ ଷ୍ଟାଟସ' ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠୁ ହକ୍ ମାଗୁଥିବାବେଳେ ଏବେ ନିଜେ ସେଥିରୁ ଓହରିଯିବା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ସେହିପରି ମହାନଦୀ ଓ ପୋଲାଭରମ ଭଳି ବିବାଦରେ ବିଜେଡି ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ନିର୍ବାଚନୀ ବର୍ଷରେ ଦଳୀୟ ସାଂସଦମାନଙ୍କୁ ଏହି ପ୍ରସଙ୍ଗରେ କିଛି ବି ପରାମର୍ଶ ଦେବାକୁ ନବୀନ ଉଚିତ୍ ମଣିନାହାନ୍ତି ।ବୈଠକରେ ସାଂସଦମାନଙ୍କୁ ସମ୍ବୋଧିତ କରି ନବୀନ କହିଛନ୍ତି ଯେ, ବହୁଚର୍ଚ୍ଚିତ ବିଧାନସଭା ଓ ସଂସଦରେ ମହିଳାଙ୍କୁ ସଂରକ୍ଷଣ ଦେବା ପ୍ରସଙ୍ଗକୁ କେନ୍ଦ୍ର ସରକାର ଭୁଲି ଯାଇଛନ୍ତି । ଓଡିଶାରେ ରୂପାନ୍ତରୀତ ପରିବର୍ତ୍ତନ ପାଇଁ ଆମ ସରକାର ନିଜର ସମସ୍ତ ଶକ୍ତି ଲଗାଇ ଦେଇଛନ୍ତି । ଫାଇଭ-ଟି ଉପକ୍ରମ ମାଧ୍ୟମରେ ସବୁକ୍ଷେତ୍ରରେ ସ୍ୱଳ୍ପ ଅବଧି ମଧ୍ୟରେ ଆଖିଦୃଶିଆ ପରିବର୍ତ୍ତନ ସୁନିଶ୍ଚିତ ହୋଇପାରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଫାଇଭ-ଟି ସ୍କୁଲ ରୂପାନ୍ତରଣରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି । ରାଜ୍ୟ ସରକାର ଏବେ ଭିତ୍ତିଭୂମି, କୃଷି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ କରିବା ସହ ଗ୍ରାମାଂଚଳ ଅର୍ଥନୀତିର ଉତଥାନ ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି । ନିତି ଆୟୋଗ ରିପୋର୍ଟରେ ଓଡିଶା ୫ଟି ଦ୍ରୁତ ଦାରିଦ୍ର୍ୟ ହ୍ରାସ ରାଜ୍ୟ ମଧ୍ୟରେ ରହିଛି । ରାଜ୍ୟର ଗ୍ରାମାଂଚଳରେ ଦାରିଦ୍ର୍ୟ ୨୦୧୫-୧୬ରେ ୩୨.୬୪ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ଏହା ୧୭.୭୨ ପ୍ରତିଶତକୁ ହ୍ରାସ ପାଇଛି । ଆମେ ଆମର ଲକ୍ଷ୍ୟ ହାସଲ ପାଇଁ ସଠିକ୍ ମାର୍ଗରେ ଚାଲିଛୁ ।




## ପରଲୋକରେ ଓଡିଶା ସାହିତ୍ୟ ଏକାଡେମୀ ସଚିବ



ଭୁବନେଶ୍ୱର,୧୮।୭(ପି.ଏନ): ଓଡିଶା ସାହିତ୍ୟ ଏକାଡେମୀ ସଚିବ ସାହିତ୍ୟିକ ଓ ପ୍ରଶାସକ ପ୍ରବୋଧ ରାଉତଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଖବର ସମସ୍ତଙ୍କୁ ମର୍ମାହତ କରିଛି । ତାଙ୍କ ବିୟୋଗରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ପୁଂଛରେ ଆତଙ୍କବାଦୀ ଆଡ୍ଡା ଧ୍ୱସ୍ତ

ପୁଂଛ, ୧୮।୭(ପି.ଏନ): ଜମ୍ମୁ-କାଶ୍ମୀରର ପୁଂଛ ଜିଲ୍ଲାରେ ମଙ୍ଗଳବାର ଆତଙ୍କବାଦୀଙ୍କ ଏକ ଆଡ୍ଡାକୁ ଧ୍ୱସ୍ତ କରିଛି ସୁରକ୍ଷାବଳ । ଘଟଣାସ୍ଥଳରୁ ଯବାନ ମାନେ ୩ ଟି ଗ୍ରେନେଡ୍ ଜବତ କରିଛନ୍ତି ।

## ମନମୋହନ ସାମଲଙ୍କ ଦୁଇ ଦିନିଆ ବରଗଡ ଜିଲ୍ଲା ଗସ୍ତ

ବରଗଡ/ଭୁବନେଶ୍ୱର, ୧୮।୭ (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନ ଗାଦିକୁ ଆସିବା ପରେ ବିକାଶ ମୂଳକ ଯୋଜନା, ଭିତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହ ଓଡିଆ ଲୋକଙ୍କୁ ଜାତୀୟ ସ୍ତରରେ ସମ୍ମାନିତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀ ବିଗତ ୯ବର୍ଷ ଶାସନରେ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, କର୍ତବ୍ୟନିଷ୍ଠ, ଦେଶର ବିକାଶକୁ ନୂଆ ପରିଭାଷା ଦେଇଛି । ଦେଶରେ ସେବା, ସୁଶାସନ, ଗରିବ କଲ୍ୟାଣରେ ଏକ ଧାରା ପ୍ରବାହିତ ହେବା ସହ ବିଦେଶରେ ଭାରତର ଗୌରବ ବଢ଼ିଛି । ମୋଦିଜୀଙ୍କ ୯ବର୍ଷର ଏହି ସଫଳତାକୁ ଘରେ ଘରେ ପଂହଚାଇବା ପାଇଁ ଭଟଲି ନିର୍ବାଚନମଣ୍ଡଳୀର ଘେଁସ ଏବଂ ବିଜେପୁରଠାରେ ଅନୁଷ୍ଠିତ "ଜନସଂପର୍କ ପଦଯାତ୍ରା"ରେ ଯୋଗ ଦେବା ଅବସରରେ କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ ।ଦୁଇ ଦିନିଆ ବରଗଡ ଜିଲ୍ଲା ଗସ୍ତରେ ଥିବା ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ଦ୍ୱିତୀୟ ଦିନରେ ପଦ୍ମପୁରଠାରେ ଅନୁଷ୍ଠିତ ସଂଯୁକ୍ତ ମୋର୍ଚ୍ଚା ବୈଠକରେ ଯୋଗ ଦେଇଥିଲେ । ଏହା ପରେ ଘେଁସ ଏବଂ ବିଜେପୁରଠାରେ ଅନୁଷ୍ଠିତ ଜନସଂପର୍କ ପଦଯାତ୍ରାରେ ସାମିଲ ହୋଇ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳକୁ ଘର ଘର ଯାଇ ଲୋକଙ୍କୁ ବୁଝାଇଥିଲେ । ଏହି ଅବସରରେ ବିଶିଷ୍ଟ କବି ପଦ୍ମଶ୍ରୀ ହଳଧର ନାଗଙ୍କୁ ଭେଟିବା ସହିତ ସ୍ୱାଧୀନତା ସଂଗ୍ରାମୀ ଶହିଦ୍ ମାଧୋ ସିଂହ, ହଟେ ସିଂହ, କୁଞ୍ଜଲ ସିଂହ, ବୈରୀ ସିଂହ, ଐରୀ ସିଂହଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରି ଶ୍ରୀ ସାମଲ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ମୋଦିଜୀ ଓଡ଼ିଶାର ବିକାଶ ଓ ଗରିବକଲ୍ୟାଣ ପାଇଁ ହାତ ଖୋଲା କରି ଟଙ୍କା ଦେଉଛନ୍ତି, କିନ୍ତୁ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅପାରଗତା କାରଣରୁ ଓଡ଼ିଶାବାସୀ ସୁବିଧାସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ୨୮ଲକ୍ଷରୁ ଅଧିକ ମାଗଣା ଘର ମିଳିସାରିଛି । ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୩କୋଟି ୨୫ଲକ୍ଷ ଲୋକଙ୍କୁ ମାଗଣା ଚାଉଳ, ସ୍ୱଚ୍ଛ ଭାରତ ନିର୍ମାଣ ଯୋଜନାରେ ୭୭ଲକ୍ଷ ପରିବାରକୁ ମାଗଣା ଶୌଚାଳୟ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫୪ଲକ୍ଷ ପରିବାରକୁ ମାଗଣା ଗ୍ୟାସ, ସୌଭାଗ୍ୟ ଯୋଜନାରେ ୨୪ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ, ଜଳ ଜୀବନ ମିଶନରେ ୫୩ଲକ୍ଷ ପରିବାକୁ ଟ୍ୟାପ ପାଣି, ମନରେଗା ଯୋଜନାରେ ୨୬ହଜାର ୧୬୬କୋଟି ଓ ଅମୃତ ସରୋବର ଯୋଜନାରେ ୪୫୪୮ଟି ଜଳାଶୟ ଖନନ ମୋଦି ସରକାର ସମୟରେ କରାଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି ।

## ରାହୁଲ ଓ ସୋନିଆଙ୍କୁ ନେଇ ଯାଉଥିବା ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୧୮।୭(ପି.ଏନ): ବେଙ୍ଗାଲୁରୁରୁ ବିରୋଧୀଙ୍କ ମହାବୈଠକ ପରେ ଦିଲ୍ଲୀ ଫେରୁଥିବା କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଓ ତାଙ୍କ ପୁଅ ରାହୁଲ ଗାନ୍ଧି ବଡ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମା-ପୁଅ ଯେଉଁ ବିମାନରେ ଦିଲ୍ଲୀ ଫେରୁଥିଲେ, ତାହା ମଧ୍ୟପ୍ରଦେଶର ଭୋପାଲରେ



ଜରୁରିକାଳୀନ ଅବତରଣ କରିଛି । ଖରାପ ପାଗ ଯୋଗୁ ବିମାନରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା । ଫଳରେ ପାଇଲଟ ବିମାନ ଆଗକୁ ନେବାକୁ ସୁରକ୍ଷିତ ମଣି ନଥିଲେ । ତେଣୁ ସେ ବାଧ୍ୟ ହୋଇ ଗାନ୍ଧି ପରିବାରର ପ୍ରାଇଭେଟ ଜେଟ୍‌କୁ ଭୋପାଲରେ ଲ୍ୟାଣ୍ଡ କରାଇଥିବା ଜଣାପଡିଛି ।

# ବିଜେଡି ସରକାରରେ ଓଡିଶାର ସାମାଜିକ ଓ ଅର୍ଥନୈତିକର କରୁଣ ସ୍ଥିତି : ବିଜେପି

ଭୁବନେଶ୍ୱର, ୧୮।୭(ପି.ଏନ): ଗତକାଲି ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶ ପାଇଥିବା 'ନ୍ୟାସନାଲ ମଲ୍ଟି ଡାଇମେନ୍ସନାଲ ପଭର୍ଟି ଇଣ୍ଡେକ୍ସ ପ୍ରୋଗ୍ରେସ ରିପୋର୍ଟ-୨୦୨୩' ରାଜ୍ୟର ବିକାଶ ପ୍ରସଙ୍ଗକୁ ନେଇ ବିଜେଡି ସରକାରର ଅସଲ ମୁଖା ଖୋଲିଦେଇଛି । ରାଜ୍ୟର ଅସହାୟ ମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ତାଙ୍କର ବ୍ୟକ୍ତିଗତ ସହାୟକଙ୍କ ରାଜ୍ୟବ୍ୟାପୀ ବହୁ ଆଡମ୍ବର ଗସ୍ତରେ ମଧ୍ୟ ତାହା ସମ୍ଭବ ହୁଏ ନାହିଁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, 'ଦାରିଦ୍ର୍ୟ ସୂଚ୍ୟାଙ୍କ ପ୍ରଗତି ସମୀକ୍ଷା-୨୦୨୩' ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୧ ମଧ୍ୟରେ ଦେଶର ଜନସଂଖ୍ୟାର ୨୪.୮୫ ପ୍ରତିଶତରୁ ଦାରିଦ୍ର୍ୟ ହାର ୧୪.୯୬ ପ୍ରତିଶତକୁ ହ୍ରାସ ପାଇଛି । ଅପରପକ୍ଷରେ ଦାରିଦ୍ର୍ୟ ଦୂରୀକରଣ ଆନ୍ତଃରାଜ୍ୟ ତାଲିକାରେ ବୃହତ ରାଜ୍ୟମାନଙ୍କ ମଧ୍ୟରେ ଓଡିଶାର ସ୍ଥାନ ତଳ ଆଡୁ ସପ୍ତମ ସ୍ଥାନରେ ସ୍ଥିର ରହିଛି । ୨୦୧୫-୧୬ରେ ମଧ୍ୟ ଓଡିଶାର ସ୍ଥିତି ସମାନ୍ ରହିଥିଲା । ଏହି ସମୟ ମଧ୍ୟରେ ଭାରତୀୟ ଜନତା ପାର୍ଟି ଶାସିତ ରାଜ୍ୟମାନଙ୍କ ମଧ୍ୟରୁ ଉତରପ୍ରଦେଶରେ ୩କୋଟି ୪୩ଲକ୍ଷ, ମଧ୍ୟପ୍ରଦେଶରେ ୧କୋଟି ୩୬ଲକ୍ଷ, ମହାରାଷ୍ଟ୍ରରେ ୮୭ଲକ୍ଷ ୩୭ହଜାର ଜନସାଧାରଣ ଦାରିଦ୍ର୍ୟ ମୁକ୍ତ ହୋଇଥିବା ବେଳେ ଓଡିଶାରେ ଏହି ସଂଖ୍ୟା ୬୨ଲକ୍ଷ ୬୩ହଜାରରେ ସୀମିତ । ସେହିପରି ଯେଉଁ ୧୨ଟି ସୂଚନାଙ୍କକୁ ନେଇ ଉପରୋକ୍ତ ମଲ୍ଟିଡାଇମେନ୍ସନାଲ ଦାରିଦ୍ର୍ୟ ସୂଚ୍ୟାଙ୍କ ପ୍ରସ୍ତୁତ କରାଯାଇଛି ସେଥିରୁ ବିଦ୍ୟାଳୟରେ ଅତିବାହିତ ବର୍ଷ ଦୃଷ୍ଟିରୁ ଓଡିଶାର ସ୍ଥାନ ବୃହତ ରାଜ୍ୟମାନଙ୍କ ମଧ୍ୟରେ ତଳଆଡୁ ଷଷ୍ଠ, ରନ୍ଧନ ଜାଳେଣୀରେ ତଳଆଡୁ ତୃତୀୟ, ପରିମଳରେ ତଳଆଡୁ ତୃତୀୟ, ପାନୀୟ ଜଳରେ ତଳଆଡୁ ଚତୁର୍ଥ, ବିଦ୍ୟୁତ ସଂଯୋଗୀକରଣରେ ତଳଆଡୁ ପଂଚମ, ବାସଗୃହରେ ତଳଆଡୁ ନବମ ଓ ସମ୍ପତିରେ ତଳଆଡୁ ପଂଚମ ସ୍ଥାନ ହାସଲ କରିଛି । ଏବେ ବି ରାଜ୍ୟର ୩୦.୭୭ପ୍ରତିଶତ ଜନତା କୁପୋଷଣର ଶୀକାର ହେଉଛନ୍ତି । ମାତୃ ସ୍ୱାସ୍ଥ୍ୟ ଆକଳନରେ ୧୪.୮୩ ପ୍ରତିଶତ ମା' ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଉନାହାଁନ୍ତି । ଏକ ତୃତୀୟାଂଶ ଶିଶୁ କୁପୋଷଣର ଶିକାର ହେଉଛନ୍ତି । ଓଡିଶାକୁ କେନ୍ଦ୍ରୀୟ ସହାୟତା ଅଧିକ ଦିଆଯାଇଛି, କିନ୍ତୁ ଓଡିଶା କାହିଁକି ପଛରେ ପଡିଛି ?୨୫ବର୍ଷ ତଳେ ଯେଉଁ ସ୍ଥିତି ଓଡିଶାରେ ଥିଲା ଏବେ ମଧ୍ୟ ସମାନ ସ୍ଥିତିରେ ଅଛି । କୌଣସି ପରିବର୍ତନ ହୋଇନାହିଁ । ରାଜ୍ୟ ସରକାର କେନ୍ଦ୍ର ଯୋଜନାରେ ରାଜ୍ୟର ଷ୍ଟିକର ଲଗାଇବା ଛାଡି ଲୋକଙ୍କ ପାଖରେ ପହଁଚିବା ଦିଗରେ କାର୍ଯ୍ୟ କରନ୍ତୁ ସେହିପରି ଦାରିଦ୍ର୍ୟର ତୀବ୍ରତା ଭାରତରେ ୪୪.୩୯ ପ୍ରତିଶତ ଥିଲା ବେଳେ ଓଡିଶାରେ ତାହା ୪୪.୫୦ ପ୍ରତିଶତ । ମଲ୍ଟିଡାଇମେନ୍ସନାଲ ଦାରିଦ୍ର୍ୟ ସୂଚ୍ୟାଙ୍କ ସର୍ବଭାରତୀୟ ସ୍ତରରେ ୦.୦୫୧ ଥିଲା ବେଳେ ଓଡିଶାରେ ତାହା ୦.୦୭୦ । ବିଶେଷ କରି ରାଜ୍ୟର ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ଦାରିଦ୍ର୍ୟର ଚିତ୍ର ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ପ୍ରଶାସନକୁ ଉଲଗ୍ନ କରିଦେଇଛି । ଆଦିବାସୀ ବହୁଳ ଅଂଚଳରେ ସ୍ଥିତି ଅତି ସଙ୍ଗୀନ । ଓଡିଶା ଜନସଂଖ୍ୟାର ୧୫.୬୮ ପ୍ରତିଶତ ଦାରିଦ୍ର୍ୟ ଭୋଗୁଥିଲା ବେଳେ ଆଦିବାସୀ ବହୁଳ ମାଲକାନଗିରିରେ ଏହି ହାର ୪୫.୦୧ ପ୍ରତିଶତ, ରାୟଗଡାରେ ୩୪.୦୩ ପ୍ରତିଶତ, କୋରାପୁଟରେ ୩୩.୫୪ ପ୍ରତିଶତ, ନବରଙ୍ଗପୁରରେ ୩୩.୪୫ ପ୍ରତିଶତ, ମୟୂରଭଞ୍ଜରେ ୩୦.୫୭ ପ୍ରତିଶତ, ଗଜପତିରେ ୨୮.୧୪ ପ୍ରତିଶତ ଓ ଖଣି ବହୁଳ କେନ୍ଦୁଝର ଜିଲ୍ଲାରେ ୨୫.୩୦ ପ୍ରତିଶତ ରହିବା ଅତ୍ୟନ୍ତ ନିନ୍ଦନୀୟ । ଏହା ଦ୍ୱାରା ରାଜ୍ୟର ପ୍ରାକୃତିକ ସମ୍ପଦ ଥିବା ଜିଲ୍ଲା ଗୁଡିକ ଅଧିକ ଅବହେଳିତ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।ନୀତି ଆୟୋଗର ଏହି ତଥ୍ୟକୁ ଅଧିକ ବିଶ୍ଳେଷଣ କରି ଶ୍ରୀ ପଣ୍ଡା କହିଥିଲେ ଯେ, ବିଦ୍ୟାଳୟରେ ଅତିବାହିତ ବର୍ଷ ଦୃଷ୍ଟିକୋଣରୁ ଭାରତର ୧୧.୪୦ ପ୍ରତିଶତ ବାଳକ ବାଳିକା ବଂଚିତ ଥିଲା ବେଳେ ଓଡିଶାରେ ତାହା ୧୩.୪୪ ପ୍ରତିଶତ । ସ୍ୱଚ୍ଛ ରୋଷେଇ ଇନ୍ଧନ ଦୃଷ୍ଟିରୁ ଭାରତର ୪୩.୯୦ ପ୍ରତିଶତ ଜନତା ବଂଚିତ ଥିଲା ବେଳେ ଓଡିଶାରେ ତାହା ୬୫.୯୪ ପ୍ରତିଶତ । ଉପଯୁକ୍ତ ପରିମଳ ସେବାରୁ ଭାରତର ୩୦.୧୩ ପ୍ରତିଶତ ବଂଚିତ ଥିଲା ବେଳେ ଓଡିଶାରେ ତାହା ୩୯.୮୫ ପ୍ରତିଶତ । ଭାରତର ୭.୩୨ ପ୍ରତିଶତ ଜନସଂଖ୍ୟା ସ୍ୱଚ୍ଛ ପାନୀୟ ଜଳ ପାଉନଥିବା ବେଳେ ଓଡିଶାରେ ସେହି ଅନୁପାତ ୧୩.୫୫ ପ୍ରତିଶତ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ଓ ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍‌ଏଚ୍‌ଏଆଇ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେଉ

ଭୁବନେଶ୍ୱର,୧୮।୭(ପ.ଏନ): ଏନ୍‌ଏଚ୍‌ଏଆଇ ବିରୋଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ସରକାରଙ୍କ ନିକଟରେ ଦାବି କଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଆଜି ଏନ୍‌ଏଚ୍‌ଏଆଇରେ ବ୍ରିଜ୍ ଭୁଶୁଡିଲା । ତେଣୁ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବସ୍ ମାଲିକ ସଂଘ ଦାବି କରିଛି ।ଆଜି ସକାଳ ପ୍ରାୟ ୬ଟା ୧୫ କୋଲକାତା-ଚେନ୍ନାଇ ଜାତୀୟ ରାଜପଥର ଯାଜପୁର ଜିଲ୍ଲା



ରସୁଲପୁର ନିକଟରେ ଏକ ବ୍ରିଜ୍ ଭୁଶୁଡି ପଡିଥିଲା । ବାଲେଶ୍ୱରରୁ ଭୁବନେଶ୍ୱର ଆସୁଥିବା ଏକ ଯାତ୍ରୀବାହୀ ବସ୍ ବ୍ରିଜ୍ ଅତିକ୍ରମ କରିବା ମାତ୍ରେ ହଠାତ ଭୟାନକ ଶବ୍ଦ କରି ଧସି ଯାଇଥିଲା । ଶବ୍ଦ ଶୁଣି ଆଖପାଖ ଲୋକ ଧାଇଁ ଆସି କୋଲକାତା ପଟୁ ଆସୁଥିବା ଗାଡି ଗୁଡିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ ।

# ସିମ କାର୍ଡକୁ ନେଇ ସରକାର ଆଣିଲେ ନୂଆ ନିୟମ : ଠକେଇରୁ ବଞ୍ଚିବା ପାଇଁ ପ୍ରସ୍ତୁତ ହେଉଛି ପ୍ଲାନ

ନୂଆଦିଲ୍ଲୀ ,୧୮।୭(ପି.ଏନ): ଅନଲାଇନ ଠକେଇ ସାରା ଦେଶରେ ଏକ ବଡ ସମସ୍ୟା ହୋଇଗଲାଣି । ଏଭଳି ଅନଲାଇନ ଫ୍ରଡରେ ସିମକୁ ଅଧିକ ବ୍ୟବହାର କରାଯାଏ । ଅଧିକ ଫ୍ରଡ କରୁଥିବା ଲୋକ ପ୍ରତ୍ୟେକ ଥର ନୂଆ ନୂଆ ସିମ ବ୍ୟବହାର କରୁଛନ୍ତି । ଏହି କାରଣ ଯୋଗୁଁ ସିମ କାର୍ଡର ସଂଖ୍ୟାକୁ ନିୟନ୍ତ୍ରଣ ରଖିବା ପାଇଁ ସରକାର କହିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଗୋଟିଏ ଆଇଡିରେ ୯ଟି ସିମ ବ୍ୟବହାର କରୁଛନ୍ତି । ଏନେଇ ସରକାର ଏହାର ସଂଖ୍ୟାକୁ କମ କରି ୯ ରୁ ୪ଟି କରିବାକୁ ଯୋଜନା କରୁଛନ୍ତି । ଯଦି ଏହା ସମ୍ଭବ ତେବେ ଜଣେ ଲୋକ ଗୋଟିଏ ଆଇଡିରେ କେବଳ ୪ଟି ସିମ ବ୍ୟବହାର କରି ପାରିବା । ଏପରି କରିବା ଦ୍ୱାରା ଅନଲାଇନ ଫ୍ରଡରୁ ବଞ୍ଚି ପାରିବା ।

ସରକାର ପ୍ରସ୍ତୁତ କଲେ ଯୋଜନା-ଲୋକଙ୍କୁ ମିଳିବ ଗୋଟିଏ ଆଇଡିରେ ୪ଟି ସିମ :

ସୂଚନା ଅନୁସାରେ, ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଭବ ଗୋଟିଏ ଆଇଡିରେ କେବଳ ୪ଟି ସିମ ହିଁ ବ୍ୟବହାର କରିବାର ଲିମିଟ କରିବା ପାଇଁ ବିଚାର କରୁଛନ୍ତି । ସିମ କାର୍ଡକୁ ନିୟନ୍ତ୍ରଣ କରିବାର ଯୋଜନା ପାଇଁ ସରକାର ଗାଇଡଲାଇନ ମଧ୍ୟ ଜାରି କରିସାରେଲେଣି । ଏହି ଗାଇଡଲାଇନ ଅତିଶୀଘ୍ର ଲୋକଙ୍କ ସାମ୍ନାକୁ ଆସିବ ବୋଲି କୁହାଯାଉଛି । କେବଳ ଏହା ହିଁ ନୁହେଁ ସରକାର ସିମ ପାଇଁ ଭେରିଫିକେସନ କରିବାର ପ୍ରଣାଳୀ ମଧ୍ୟ ଅନଲାଇନ କରିବାର ବିଚାର କରୁଛନ୍ତି । ଏହା ଦ୍ୱାରା ମଧ୍ୟ ଅନଲାଇନ ଫ୍ରଡକୁ ଅଟକା ଯାଇପାରିବ ।ବେଳେ ବେଳେ ଆପଣଙ୍କୁ ଅଜଣା କଲ ଆସୁଛି । ଯେଉଁଥିରେ କି ନଚାହୁଁଥିବା ଲୋନ, ହୋମଲୋନ, କ୍ରେଡିଟ କାର୍ଡ ଏବଂ ଅନ୍ୟାନ୍ୟ ଅଫର ମିଳୁଛି । ଏନେଇ ଆପଣଙ୍କୁ ଅନାବଶ୍ୟକ କଲରୁ ମୁକ୍ତି ଦେବା ପାଇଁ ସରକାର ଏବେ ଅନେକ ନୂଆ ନିୟମ ପ୍ରସ୍ତୁତ କରିଛନ୍ତି ।

# ଆଜି ୪୦୬ଜଣଙ୍କୁ ନୂଆ ନିଯୁକ୍ତିପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୭(ପି.ଏନ): ରାଜ୍ୟର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ୪୦୬ଜଣଙ୍କୁ ମୁଖ୍ୟମନ୍ତ୍ରୀ ନୂଆ ନିଯୁକ୍ତିପତ୍ର ପ୍ରଦାନ କରିବେ । ଏଥିରେ ୨୬୧ଜଣ ସହକାରୀ କୃଷି ଅଧିକାରୀ, ୧୦୨ଜଣ ସହକାରୀ କୃଷି ଯନ୍ତ୍ରୀ ଏବଂ ୪୩ଜଣ ବିହନ ଉତ୍ପାଦନ ଓ ବିପଣନ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯିବ ।ନିକଟରେ ୩ ବିଭାଗରେ ୧୮୧ ଜଣଙ୍କୁ ମିଳିଛି ନୂଆ ନିଯୁକ୍ତି । ଏହି ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମିଲ ହୋଇଥିଲେ । ଲୋକସେବା ଭବନ କନଭେନସନ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବା ସହ ନବନିଯୁକ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ନିଯୁକ୍ତି ପର୍ବରେ ୧୦୪ ଶିକ୍ଷକ ପ୍ରଶିକ୍ଷକ, ୬୨ ସରକାରୀ ନିର୍ଦ୍ଦେଶକ (ବିଧି)ଙ୍କୁ ନିଯୁକ୍ତି ଦିଆଯାଇଛି । ଏଥିସହ ୧୫ ସହକାରୀ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର,୧୮।୭(ପି.ଏନ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବୁଲେଟିନରେ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ ଆସନ୍ତା ପାଞ୍ଚ ଦିନ ଧରି ଓଡିଶାରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆକଳନ କରି ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବଲାଙ୍ଗିର, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ଗଞ୍ଜାମ, ଗଜପତି, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ଦେବଗଡ, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ସାହାରା ଚିଟଫଣ୍ଡ ଜମାକାରୀ ଫେରି ପାଇବେ ସେମାନଙ୍କ ଟଙ୍କା, କରନ୍ତୁ ପଞ୍ଜୀକରଣ

ନୂଆଦିଲ୍ଲୀ,୧୮।୭(ପି.ଏନ): ସାହାରା ଚିଟଫଣ୍ଡ ଜମାକାରୀ ଫେରି ପାଇବେ ସେମାନଙ୍କ ଟଙ୍କା । କେନ୍ଦ୍ର ସରକାର ଏଥିପାଇଁ ଆରମ୍ଭ କରିଛନ୍ତି ବ୍ୟବସ୍ଥା । କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଏକ ରିଫଣ୍ଡ୍ ପୋର୍ଟାଲ(https://mocrefund.crcs.gov.in)ର ଉନ୍‌ମୋଚନ କରିଛନ୍ତି । ସାହାରା ରିଫଣ୍ଡ ପୋର୍ଟାଲ ବା ୱେବସାଇଟରେ ଜମାକାରୀ କିଭଳି ଟଙ୍କା ଫେରିପାଇବେ ସେ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ରହିଛି । ଏହା ଦ୍ୱାରା ପ୍ରାୟ ୧୦ କୋଟି ଜମାକାରୀ ଉପକୃତ ହେବେ ବୋଲି



ଆଶା ରହିଛି ।ଆବଶ୍ୟକ ସ୍ଥାନରେ ତଥ୍ୟ ପ୍ରଦାନ କରି ଜମାକାରୀ ନିଜ ଟଙ୍କା ପାଇଁ ଦାବି କରିବେ । ଦେଶର ଅନେକ ଲୋକଙ୍କ ଟଙ୍କା ସାହାରାରେ ଫଶି ରହିଛି । ନିବେଶ ଅବଧି ପୂରଣ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ଜମାକାରୀ ଟଙ୍କା ଫେରି ପାଇନାହାନ୍ତି । ସାହାରା ଇଣ୍ଡିଆରେ ଅଧିକାଂଶ ଜମାକାରୀ ଓଡିଶା, ବିହାର, ଝାଡଖଣ୍ଡ, ଉତ୍ତର ପ୍ରଦେଶର ରହିଛନ୍ତି ।

CSB Bank

PUBLIC NOTICE ON AUCTION OF PLEDGED GOLD ORNAMENTS

The borrower/s in specific and interested bidders, in general, are hereby informed that on account of non-repayment of the Bank's dues by the borrowers as under despite the payment notice and renotification notice issued by the Bank, the gold ornaments pledged with the Bank as security by the respective borrowers for the loans availed by them will be sold in public auction on "as is where is" and "non-recourse" basis through e-auction portal http://csbgold.auctiontiger.net on 27th July 2023 at 12 noon. The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed of by private sale if the public auction is not successful and if there is a further balance to be recovered thereafter, legal action will be initiated against the borrowers for recovery of the balance amounts due to the Bank.

| S.No. | Branch Name | Account Name | Client ID | No. of Acc. | Bal. Outstanding as on 17-07-2023 | Weight (grams) |
|---|---|---|---|---|---|---|
| 1 | BHUBANESWAR | BIJAY KUMAR DASH | 4065611 | 2 | 360398.24 | 96 |
| 2 | BHUBANESWAR | DEBAJANI DASH | 4065823 | 2 | 292008.54 | 73.5 |
| 3 | BHUBANESWAR | MANOJ KUMAR PARIDA | 4204178 | 1 | 113395.12 | 21 |
| 4 | BHUBANESWAR | PRAMOD KUMAR SWAIN SWAIN | 3663157 | 1 | 111201 | 41.97 |
| 5 | BHUBANESWAR | PRITIRAJA SHANKAR SAMANTRAY | 4065193 | 1 | 42711.25 | 12 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

Authorised Officer
CSB Bank

BHUBANESHWAR | 19 July 2023








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ଫାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




**ଭୁବନେଶ୍ୱର, ୨୦୨୩, ଜୁଲାଇ ୧୯**

# ନିମ୍ବ

ଏହାକୁ ହିନ୍ଦିରେ ନିମ୍ ବୋଲି କୁହାଯାଏ । ଏହା ଭାରତସାରା ଶୁଷ୍କ ଓ ଆର୍ଦ୍ର ବିଷୁବୀୟ ଅଞ୍ଚଳରେ ଦେଖାଯାଏ; କିନ୍ତୁ ପତ୍ରମୋଚୀ ଜଙ୍ଗଲଗୁଡ଼ିକରେ ଏହା ଅଧିକ ଦେଖାଯାଏ । ଫଳଗୁଡ଼ିକ ପାଚିଲେ ହଳଦିଆ ଦେଖାଯାଏ ଏବଂ ମଞ୍ଜିଗୁଡ଼ିକ ଛୋଟ ଅଣ୍ଡା ଆକୃତିର ହୋଇଥାଏ । ମଞ୍ଜିର ଭ୍ରୂଣପତ୍ର, ମାଂସଳ, ମୋଟା ଓ ତୈଳାକ୍ତ ଅଟେ । ଜୁନ୍‌ଠାରୁ ଅଗଷ୍ଟ ମାସ ମଧ୍ୟରେ ଫଳ ପାଚେ । ସମ୍ପୂର୍ଣ୍ଣ ପାଚିଥିବା ଫଳଗୁଡ଼ିକ ଗଛରୁ ସଂଗ୍ରହ କରାଯାଇ ଫଳର ଆସ୍ତରଣକୁ ପାଣିରେ ଧୁଆଯାଏ । ମଞ୍ଜିଗୁଡ଼ିକୁ ଶୁଖାଯାଇ ନିବୁଜ ପାତ୍ରରେ ଦୁଇ ସପ୍ତାହ ରଖାଯାଏ । ବାଲିରେ ଶଯ୍ୟା ପ୍ରସ୍ତୁତ କରି ୧୫-୨୦ ସେ.ମି. ବ୍ୟବଧାନରେ ପୋତାଯାଏ । ସାଧାରଣତଃ ନିମ୍ବ ସବୁ ଋତୁରେ ଓ ସବୁ ମାଟିରେ ଭଲ ଭାବରେ ବଢ଼ିପାରେ । ଏହାର ମାଟିରୁ ଜଳ ଶୋଷିବାର ଏକ ସ୍ୱତନ୍ତ୍ର ଗୁଣ ରହିଛି । ବଜାରରେ ବିଭିନ୍ନ ପ୍ରକାର ନିମ୍ବ ଚାରା ବିକ୍ରି ହେଉଥିଲେ ବି ଏହା କିନ୍ତୁ ପ୍ରାୟତଃ ସବୁଆଡ଼େ ଦେଖିବାକୁ ମିଳେ । ନିମ୍ବଗଛର ପ୍ରତ୍ୟେକ ଅଂଶ ଅତି ଉପାଦେୟ । ଫୁଲ, ଫଳ, ପତ୍ର, ବକ୍କଳ ଓ ମଞ୍ଜି ବିଭିନ୍ନ ରୋଗ ଉପଶମକାରୀ । ଏହାର ଛେଲି ତିକ୍ତ, କଷାୟ, ତୀବ୍ର, କଟୁ ସ୍ନିଗ୍ଧକାରକ, ଦାହନାଶକ, ବିଶୋଧକ ଏବଂ କୃମି ଓ କୀଟ ନାଶକ ଅଟେ । ଏହା ବାତ ପିତ, କୁଷ୍ଠ, ଚର୍ମରୋଗ, ମ୍ୟାଲେରିଆ, କ୍ଷତ ଘା,


ଅଲେଖ ଚନ୍ଦ୍ର ସାମଲ

ଗଣ୍ଠିବାତ, ରକ୍ତସ୍ରାବ, ଅର୍ଶ, କ୍ଳାନ୍ତି ଉପଶମ ପାଇଁ ଅତ୍ୟନ୍ତ ଉପାଦେ । ଏହାର ପତ୍ର ମଧ୍ୟ ଜୀବାଣୁ ନାଶକ କ୍ଷୁଧା, ବୃଦ୍ଧିକାରକ, ଶୀତଳ ପ୍ରଦାନକାରୀ, ବିଶୁଦ୍ଧ କାରକ ଓ ଉପର ବର୍ଣ୍ଣିତ ସମସ୍ତରୋଗ ପାଇଁ ଉପଯୋଗୀ । ମଞ୍ଜିରୁ ମଧ୍ୟ ବିଭିନ୍ନ ରୋଗପାଇଁ ଔଷଧ ପ୍ରସ୍ତୁତ କରାଯାଏ ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)
ଜୟପୁର ଡିଭିଜନ,
ଦୂରଭାଷ : ୯୪୩୭୨୫୭୧୨୩

# ଗଙ୍ଗାଧର ପାଇକରାୟ

ପ୍ରାକ୍ ସ୍ୱାଧୀନତା କାଳରେ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ, ଭାରତୀୟ ଜାତୀୟ କଂଗ୍ରେସ ଛାଡ଼ି କମ୍ୟୁନିଷ୍ଟ ଦଳରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଗଙ୍ଗାଧର ପାଇକରାୟ ଅନ୍ୟତମ । ସେ ବାଲ୍ୟକାଳରୁ ହିଁ ପିତା ରାଜୀବ ପାଇକରାୟଙ୍କ ସ୍ୱାଧୀନଚେତା ତଥା ଜାତୀୟବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ବୋଲଗଡ଼ର ଏକ ବିଦ୍ୟାଳୟରେ ପଢୁଥିବା ବେଳେ ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବୋଲଗଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । ତାଙ୍କ ଭାଷଣ ବାଳକ ଗଙ୍ଗାଧରଙ୍କୁ ଅନୁପ୍ରାଣିତ କରିଥିଲା । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲେ । ବସ୍ତାନିରେ ସବୁ ଦିନ ପାଇଁ ଡୋରି ବନ୍ଧା ହୋଇଯାଇଥିଲା । ସତର ବର୍ଷ ବୟସର ହେବା ବେଳକୁ ସେ ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସୈନିକ । ଏହି କଞ୍ଚା ବୟସରେ ଗିରଫ ହୋଇ ପାଟନା କାରାଗାରରେ ରହିଥିଲେ । ସେତେବେଳେ ସେ ଥିଲେ ସବୁଠାରୁ କନିଷ୍ଠ ବନ୍ଦୀ । କାରାଗାର ରହଣି କାଳରେ ବିଭିନ୍ନ ପୁସ୍ତକ ପାଠ କରି ଜ୍ଞାନ ଆହରଣ କରିଥିଲେ । ମୁକ୍ତିଲାଭର କିଛି କାଳ ପରେ ୧୯୩୪ରେ କଂଗ୍ରେସର କାର୍ଯ୍ୟଧାରା ଆଉ ପସନ୍ଦ ନ


ଯୁଧିଷ୍ଠିର ମହାରଣା

ହେବାରୁ ଦଳ ଛାଡ଼ି, କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ଯୋଗଦେଇଥିଲେ । ତାହାପରେ ୧୯୪୩ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି । ଗଙ୍ଗାଧର ଥିଲେ କୃଷକ, ଖଟିଖିଆ, ଅତ୍ୟାଚାରିତଙ୍କ ପରମ ବନ୍ଧୁ । ତାଙ୍କର ସରଳ ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରୁଥିଲା । ସେ ଶେଷ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ଦଳରେ ହିଁ ଥିଲେ । ଏହି ଦଳରୁ ଲଢ଼ି ସେ ଚାରି ଚାରିଥର ବେଗୁନିଆର ବିଧାୟକ ହୋଇପାରିଥିଲେ । ୧୯୧୫ ଜୁଲାଇ ୧୨ ତାରିଖ ଦିନ ସାନପଦର ଗ୍ରାମରେ ସେ ଜନ୍ମ ହୋଇଥିଲେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଭଗବାନ ଶିବଙ୍କ ମାସ : ଶ୍ରାବଣ

ଶିବ ଭକ୍ତି ନିମନ୍ତେ ଶ୍ରାବଣ ମାସ ସର୍ବୋତ୍ତମ ଅବସର ଆଣିଥାଏ । ଏହି ମାସରେ ଭକ୍ତି ଭାବର ସହିତ ମହାଦେବଙ୍କ ଆରାଧନା କରିବା ଦ୍ୱାରା ତାଙ୍କର କୃପା ପ୍ରାପ୍ତି ହୋଇଥାଏ । ମାତ୍ର ବେଲପତ୍ର ଏବଂ ଜଳାଭିଷେକ ଦ୍ୱାରା ଏହି ମାସରେ ମହାଦେବଙ୍କ ଅନୁକମ୍ପା ପ୍ରାପ୍ତ କରିହେବ । ସାରା ଜଗତ ଭଗବାନ ଶିବଙ୍କ ଠାରୁ ହିଁ ସୃଷ୍ଟି ହୋଇଛି । ଶିବର ଅର୍ଥ ପରମକଲ୍ୟାଣକାରୀ । ଲୟ ଏବଂ ପ୍ରଳୟକୁ ମହାଦେବ ନିଜ ଅଧୀନରେ ରଖିଛନ୍ତି । ତାଙ୍କ ଠାରେ ପରସ୍ପର ବିରୋଧୀ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ତାଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଇଥାଏ, ଗଳାରେ ଲମ୍ବିଥାଏ ବିଷଧର ସର୍ପ । ସେ ଅର୍ଦ୍ଧନାରୀଶ୍ୱର ହୋଇଥିଲେ ବି କାମନା ଉପରେ ବିଜୟ ହାସଲ କରିଛନ୍ତି । ଗୃହସ୍ଥ ଭଳି ଜୀବନ ନିର୍ବାହ କରୁଥିଲେ ବି ଶ୍ମଶାନବାସୀ ଏବଂ ବୈରାଗୀ । ତାଙ୍କର ସୌମ୍ୟ ଆଶୁତୋଷ ସ୍ୱରୂପ ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରୁଥିବା ବେଳେ ଭୟଙ୍କର ରୁଦ୍ର ସ୍ୱରୂପ ଦୁଷ୍ଟଙ୍କ ମନରେ ଭୀତି ସଞ୍ଚାର କରିଥାଏ । ଦେବଶୟନୀ ଏକାଦଶୀରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଯିବା ପରେ ମହାଦେବ ହିଁ ଜଗତ ପାଳକ ଦାୟିତ୍ୱ ନିର୍ବାହ କରିଥାନ୍ତି । ଏହି କାରଣରୁ ଶ୍ରାବଣ ମାସରେ ମହାଦେବଙ୍କୁ ଆରାଧନା କରାଯାଇଥାଏ । ଚର୍ତୁଦିଗରେ ତାଙ୍କର ନାମ ଗୁଞ୍ଜରିତ ହୋଇଥାଏ ।

ଶ୍ରାବଣ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ଏହି ମାସର ନାମକରଣ ଶ୍ରାବଣ ହୋଇଛି । ଏହି ମାସର ସମ୍ପୂର୍ଣ୍ଣ କଳା କେବଳ ବ୍ରହ୍ମଦେବ ଜାଣିଥାନ୍ତି । ଏହି ମାସରେ ପ୍ରତ୍ୟେକ ଦିନ ଜପ, ତପ, ବ୍ରତ ଏବଂ


ତପସ୍ୱିନୀ ପଟ୍ଟନାୟକ

ପୂଣ୍ୟ କାର୍ଯ୍ୟରେ ଅତିବାହିତ କରିବା ଉଚିତ । ଶ୍ରାବଣ ଭଗବାନ ଶିବଙ୍କ ପାଇଁ ଅତିପ୍ରିୟ ମାସ । ବର୍ଷାଋତୁର ଚାରି ମାସ ମଧ୍ୟ ଶିବଙ୍କ ଆରାଧନା କରାଯାଇପାରିବ । ସ୍ୱୟଂ ଭଗବାନ ଶିବ ନିଜ ମୁଖରେ ବ୍ରହ୍ମାଙ୍କ ମାନସ ପୁତ୍ର ସନତ କୁମାର ମାନଙ୍କୁ କହିଛନ୍ତି ଯେ ୧୨ ମାସ ମଧ୍ୟରେ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ । ସନତ କୁମାରମାନେ ଏହାର କାରଣ ପଚାରିବାରୁ ଭଗବାନ ଶିବ କହୁଛନ୍ତି, ଦେବୀ ସତୀ ନିଜ ପିତା ଦକ୍ଷଙ୍କ ଘରେ ଯୋଗଶକ୍ତି ରୂପରେ ଶରୀର ତ୍ୟାଗ କରିବା ସମୟରେ ପ୍ରତ୍ୟେକ ଜନ୍ମରେ ମୋତେ ପତି ରୂପରେ ପାଇବା ଲାଗି ପ୍ରତିଜ୍ଞା କରିଥିଲେ । ପରେ ସେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନେଲେ । ପାର୍ବତୀ ଦେବୀ ଯୁବାବସ୍ଥାରେ ପହଞ୍ଚିବା ପରେ ଗୋଟିଏ ମାସ ଉପବାସ ରହି କଠୋର ବ୍ରତ କରିଥିଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମୁଁ ଦେବୀଙ୍କୁ ବିବାହ କରିଥିଲି । ସେହି ମାସ ଥିଲା ଶ୍ରାବଣ, ତେଣୁ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ ।

# ଆଧୁନିକ ସାହିତ୍ୟରେ ରାମକଥା ଓ ରାମ ସାହିତ୍ୟ

ଓଡ଼ିଆ ଆଧୁନିକ ସାହିତ୍ୟରେ ରାମକଥା, ରାମତତ୍ତ୍ୱର ଅନେକ ଉଲ୍ଲେଖ ରହିଛି । ସେହିକ୍ରମରେ କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନର ରାଓ, ପଲ୍ଲୀକବି ନନ୍ଦକିଶୋର ବଳ ଓ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ବିଭିନ୍ନ ସାରସ୍ୱତ ସାଧନାରେ ଥିବା ରାମତତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରୁଛୁ ।

ରାଧାନାଥ ରାୟ : ରାମ ସାହିତ୍ୟ ସୃଷ୍ଟି ଦିଗରେ ଯଦିଓ ରାଧାନାଥ ବିଶେଷ ଭାବରେ ମନୋନିବେଶ କରି ନାହାନ୍ତି ତଥାପି ତାଙ୍କର 'ତୁଳସୀ ସ୍ତବକ' ଓ 'ଦଶରଥ ବିୟୋଗ' ଦୁଇଟି ରାମ ବାକ୍ୟ ରଚିତ ହୋଇଥିବା ଜଣାଯାଏ । ତୁଳସୀ ସ୍ତବକ ତୁଳସୀ ଦାସଙ୍କ ରାମଚରିତ ମାନସର ଏକ ଅନୁବାଦ ନୁହେଁ ବରଂ ଏଥିରେ ଶ୍ରୀମଦ୍ ଭାଗବତ ଓ ବାଲ୍ମୀକି ରାମାୟଣର ପ୍ରଭାବ ସୁସ୍ପଷ୍ଟ ।

ଫୀକରମୋହନ ସେନାପତି : ଆଧୁନିକ ଯୁଗର କ୍ଷୁଦ୍ରଗଳ୍ପ ତଥା ଉପନ୍ୟାସର ଜନକ ବ୍ୟାସକବି ଫକୀରମୋହନ ସେନାପତି ରାମକଥାକୁ ନେଇ ରାମାୟଣ ରଚନା କରିଛନ୍ତି । ମୂଳ ରାମାୟଣ ତଥା ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ର ପ୍ରଭାବରେ ତାଙ୍କର ରାମାୟଣ ରଚିତ ସହଜ ସରଳଭାଷାରେ ତଥା ସୁବୋଧ ପଦାବଳୀ ଫକୀରମୋହନଙ୍କ ରାମାୟଣକୁ ତତ୍କାଳୀନ ସମାଜରେ ଆଦରଣୀୟ ହୋଇପାରିଥିଲା ।

ମଧୁସୂଦନ ରାଓ : ରାମକଥାକୁ ଉପଜୀବ୍ୟ କରି କବି ମଧୁସୂଦନଙ୍କର 'ସୀତା ବନବାସ', 'ଉତ୍ତର ରାମ ଚରିତ' ଓ 'ବାଳ ରାମାୟଣ' ରଚିତ ଭକ୍ତ ରଚନାଗୁଡ଼ିକରେ କବିଙ୍କର ବର୍ଣ୍ଣନା ଦକ୍ଷତା ପୁଣି ଭାବାନୁଯାୟୀ ବାକ୍ୟ ଗଠନର ଅପରିସୀମ ଦକ୍ଷତା ହାସଲ କରାଯାଏ । ସୀତା ବନବାସ କବି କାଳୀଦାସଙ୍କ ରଘୁବଂଶର ଅନୁସରଣରେ ରଚିତ । ଏଥିରେ ରଘୁବଂଶର ପ୍ରଭାବ ସୁସ୍ପଷ୍ଟ ସୀତା ବନବାସରେ କବି ଲେଖିଛନ୍ତି । 'ଦେବୀଙ୍କ ଦୁଃଖେ ବନସ୍ଥଳୀ କାତର, କାନ୍ଦିଲା ବହୁ ପ୍ରତିଧ୍ୱନି ଛଳର । ତେଜିଲେ ନୃତ୍ୟ ବର୍ହିକୂଳ ବିକଳ, ହରିଣୀଏ ଛାଡ଼ିଲେ ତୃଣ କବଳ, ମହୀରୁହ ନିବହ ପୁଷ୍ପପ ଲକ୍ଷଣ, ଫିଙ୍ଗିଲେ ଅଶ୍ରୁ ମହିତଳେ ତକ୍ଷଣ ।।' ରଘୁବଂଶରେ ଅବିକଳ ଏହି ବର୍ଣ୍ଣନା ଅଛି ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷା ଦର୍ଭାନୂପା, ଭାନି ଜହୁର୍ହରିଣୀ, ସ୍ତସ୍ୟାଃ ପ୍ରପନେ ସମଦୁଃଖ ଭାବ ମମନ୍ତିମା ସା, ଦୁବତଂ ବନୋପି ।'

ନନ୍ଦକିଶୋର ବଳ : 'ସୀତା ବନବାସ' କବି ନନ୍ଦ କିଶୋରଙ୍କର ଏକ କରୁଣ ରସ ସମ୍ବଳିତ ସୃଷ୍ଟି । କାଳିଦାସଙ୍କ ରଘୁବଂଶ, ଭବଭୂତିଙ୍କ ଉତ୍ତର ରାମ ଚରିତ ଓ ବାଲ୍ମୀକି ରାମାୟଣର କଥାବସ୍ତୁ ଅନୁସରଣରେ ଏହା


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରଚିତ । ରାମ ଓ ସୀତା ଉଭୟଙ୍କର ମାନସିକ ଅର୍ନ୍ତଦ୍ୱନ୍ଦ୍ୱ ଓ ଉଭୟଙ୍କର ନୟନରୁ ଝରିଯାଉଥିବା ଅଶ୍ରୁଜଳ ପାଠକ ମନରେ ସୃଷ୍ଟି କରେ ସୀମାହୀନ କାରୁଣ୍ୟ । ରାମଚନ୍ଦ୍ରଙ୍କର ଆଦର୍ଶ ଗୁଣାବଳୀ ସହିତ ଏଥିରେ କରୁଣ ରସର ହୋଇଛି ସୁସମନ୍ୱୟ । କବି ନନ୍ଦକିଶୋର ଥିଲେ ନୀତି ତଥା ଆଦର୍ଶବାଦୀ କବି । ତେଣୁ ରାମ ସୀତାଙ୍କ ପ୍ରେମ ପ୍ରଣୟରେ ଭାଷାର କାଠିନ୍ୟ ନାହିଁ । ରହିଛି ସରଳତା, ତରଳତା ଓ ଭାଷାର ଭାବସଂପ୍ରସାରିତା ।

ଗଙ୍ଗାଧର ମେହର : ନୂତନତା ଓ ପୁରାତନତା ପ୍ରାଚୀନତା ଓ ଆଧୁନିକତାର ଏକ ମଧୁର ସମନ୍ୱୟ ଗଙ୍ଗାଧର ସାହିତ୍ୟ । ପ୍ରାଚ୍ୟ ସାହିତ୍ୟର ମହନୀୟ ବିଷୟବସ୍ତୁ ଆଦର୍ଶ ଚରିତ୍ରକୁ ରାମାୟଣ ଓ ମହାଭାରତର ପୃଷ୍ଠା ମଧ୍ୟରୁ ବାଛି ନେଇ ସେ ସୃଷ୍ଟି କରିଛନ୍ତି ତାଙ୍କର କାବ୍ୟ ସମୂହ । ନନ୍ଦିକେଶୀ, କୌଶଲ୍ୟା, ଚନ୍ଦ୍ରଭାଗା, ଉଷା ପରବିର୍ତ୍ତିତ ହୋଇ ଦେଖାଦେଇଛନ୍ତି ସୀତା, ଶକୁନ୍ତଳା, ଦ୍ରୌପଦୀ ଓ ଇନ୍ଦୁମତୀ ରୂପରେ । କବିଙ୍କ ରଚିତ ରାମ କଥା ସମ୍ବଳିତ ସୃଷ୍ଟି ସମୂହ ହେଉଛି 'ଅହଲ୍ୟାସ୍ତବ', 'ଅଯୋଧ୍ୟା ଦୃଶ୍ୟ' ଓ 'ତପସ୍ୱିନୀ' କବି ଗଙ୍ଗାଧର ମେହର ଶ୍ରୀରାମଚନ୍ଦ୍ରଙ୍କର ଜଣେ ପରମ ଉପାସକ ରୂପେ ପରିଚିତ । 'ଅଯୋଧ୍ୟା ଦୃଶ୍ୟ' କବି ଗଙ୍ଗାଧର ମେହରଙ୍କ ଅନ୍ୟ ଏକ ରାମରୁ କାବ୍ୟ ସମ୍ବଳିତ ସୃଷ୍ଟି । କରୁଣରସ ଏହାର ଅନ୍ତଃସ୍ୱର । 'ତପସ୍ୱିନୀ' କବି ଗଙ୍ଗାଧର ମେହରଙ୍କର ଅସାଧାରଣ କବିତା ଏବଂ ଅଭିଜ୍ଞତାର ଏକ ପରିପକ୍ୱ ଅଭ୍ରାନ୍ତ ଅଭିବ୍ୟକ୍ତି । ସୀତାଙ୍କର ଉତ୍ତର ଜୀବନ ତପସ୍ୱିନୀ କାବ୍ୟର ମୂଳରସ ।

ଆଧୁନିକ ଯୁଗରେ ରାମାୟଣର ସମ୍ପୂର୍ଣ୍ଣ ଓ ଖଣ୍ଡିତାଂଶକୁ ନେଇ ନୀଳକଣ୍ଠଙ୍କର 'ଶ୍ରୀରାମ ମହୋତ୍ସବ' ସୋମନାଥ ଷଡ଼ଙ୍ଗୀଙ୍କ 'ଶ୍ରୀରାମ ଗୀତ ଚମ୍ପୂ', ଗୋକୁଳାନନ୍ଦ ପଟ୍ଟନାୟକଙ୍କ 'ଜାନକୀ ବଲ୍ଲଭ ବିଳାସ', ହରିହର ମର୍ଦ୍ଦରାଜଙ୍କର 'ସୀତା ବିବାହ', ନାରାୟଣ ତ୍ରିପାଠୀଙ୍କର 'ବୈଦେହୀଶ ବିଳାସ', ମାଧବ ଚନ୍ଦ୍ର ମିଶ୍ରଙ୍କ 'ସତୀ ଚନ୍ଦ୍ରିକା', କହ୍ନେଇ ଲାଲବସୁଙ୍କ 'ବୈଦେହୀଶ ବିଳାସ', ପଣ୍ଡିତ ଲୋକନାଥଙ୍କର 'ରାମ ଟୁଙ୍ଗୀ', ବଳଭଦ୍ର ପାଣିଗ୍ରାହୀଙ୍କର 'ରାମ ରସାମୃତ', ନୀଳକଣ୍ଠ ରଥରଙ୍କର 'ସୀତାପ୍ରେମ ତରଙ୍ଗିଣୀ', 'ପରିମଳା' ଓ ଦାମୋଦର ମିଶ୍ରଙ୍କର 'ଟିକି ରାମାୟଣ' ଆଦି ରଚିତ ହୋଇ ରାମକାବ୍ୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟରେ ରାମରସର ଏକ ସ୍ରୋତସ୍ୱିନୀ ପ୍ରବାହିତ ହୋଇଛି ।

ଓଡ଼ିଶାର ଜନମାନସରେ ବିବିଧ ରାମାୟଣର ଆଦର ବିଶେଷ ଭାବରେ ପରିଲକ୍ଷିତ ହୁଏ । ଓଡ଼ିଆ ସାହିତ୍ୟର ନିଜସ୍ୱ ମୌଳିକ ରାମାୟଣ ଅପେକ୍ଷା ଏ ସବୁ ରାମାୟଣର ଗୁରୁତ୍ୱ ଅଧିକ ଥିଲାପରି ମନେହୁଏ । କୃପାସିନ୍ଧୁ ଦାସ, କୃଷ୍ଣ ସିଂହ, ପରିକ୍ଷିତ ଦାସ, ଭାଗବତ ପ୍ରସାଦ ଦାସ, ରତ୍ନାକର ଗରାବଡୁ, ରାମଚନ୍ଦ୍ର ଦାସ, ଲିଙ୍ଗରାଜ ମିଶ୍ର, ଗୋପୀନାଥ କର, ଚୈତନ୍ୟ ଗୁରୁ, ବିପ୍ରଚରଣ ଦାସ, ନରସିଂହ ନାଥ, ବାଳକୃଷ୍ଣ କର, ରାମକୃଷ୍ଣ ରଥ, ରଘୁନାଥ ମିଶ୍ର ଓ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଭୃତି ପଣ୍ଡିତ ସମାଲୋଚକ ସୁସାହିତ୍ୟିକ କବି ଓ ଅନୁବାଦକଗଣ ରାମ ସାହିତ୍ୟ ପ୍ରଚାର ଓ ପ୍ରସାର ଦିଗରେ ସେମାନଙ୍କ କୃତି ସମୂହ ବିଶେଷ ଉଲ୍ଲେଖଯୋଗ୍ୟ ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଅସହ୍ୟ ହେଲାଣି ମହଙ୍ଗା ମାଡ଼

ବର୍ତ୍ତମାନର ବଜାରକୁ ଦେଖିଲେ ଆଉ ପୂର୍ବପରି ପକେଟରେ ପଇସା ପୁରାଇ ବ୍ୟାଗରେ ଆଉ ପନିପରିବା କିଣି ହେବନାହିଁ । ସର୍ବନିମ୍ନ ସାରୁଫାରୁ ଛଞ୍ଚୁଣା, ଜହ୍ନି ଠାରୁ ଲଙ୍କା, ବାଇଗଣ ଠାରୁ କଲରା ସବୁର ଅମୂଲ ମୂଲ ବଜାର ଚଢ଼ା ରେଟ । ବଜାର ଦରରେ ଏବେ ଯେମିତି ନିଆଁ ଲାଗି ପ୍ରତିଦିନ ପନିପରିବାର ଭାଉ ହୁ ହୁ ହୋଇ ଆକାଶ ଛୁଇଁ ଥିବାବେଳେ ଅନେକ କ୍ଷେତ୍ରରେ ଦେଖାଦେଉଛି ବାସ୍ତବରେ ଚାଷୀ ଯେତିକି ମୂଲ୍ୟରେ ପନିପରିବା ବିକୁଛି ତା ଠାରୁ ଦୁଇଗୁଣାରେ ବେଶୀ ମୂଲ୍ୟରେ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଛନ୍ତି । ବର୍ଷା ଦିନ, ସାମଗ୍ରୀ ସଙ୍କଟ, ପରିବହନ ବାଧାପ୍ରାପ୍ତ ଏହିଭଳି ଦୁନିଆ ବାହାନା ଦେଖାଇ ଦରଦାମକୁ କିଛି ମୁନାଫାଖୋର ବ୍ୟବସାୟୀମାନେ ବଢ଼ାଇ ଚାଲିଛନ୍ତି । ତେବେ ପ୍ରଶାସନର ନିୟନ୍ତ୍ରଣ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ସାଧାରଣରେ ଖାଉଟି ମଧ୍ୟରେ ଏହି ଦର ବୃଦ୍ଧି ଚଡ଼କ ସଦୃଶ । ଚାଷୀ ବିକୁଥିବା ମୂଲ୍ୟ ଓ ଖାଉଟି କିଣୁଥିବା ମୂଲ୍ୟ ଭିତରେ ବିରାଟ ବ୍ୟବଧାନ ରହୁଛି । ବର୍ତ୍ତମାନ ବଜାରରେ କୌଣସି ପରିବା ୧୦୦ ତଳକୁ ନାହିଁ । ଶ୍ରାବଣ ମାସ ଥିବାରୁ ଆଗକୁ ବଡ଼ ବର୍ଷାର ସମ୍ଭାବନା ଓ ମୌସୁମୀର ଲଗାଣ ବର୍ଷା ସମ୍ଭାବନା ଥିବାରୁ ପନିପରିବା ଦରର ଶୀଘ୍ର ଖସିଲା ପରି ଲାଗୁନି । ତ କିଛି ମାସ ହେବ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିଚାଲିଛି । ପ୍ରାୟ ଅଧିକାଂଶ ସାମଗ୍ରୀ ଦର କିଲୋ ପ୍ରତି ୫୦ରୁ ୧୦୦ ଟଙ୍କା ବୃଦ୍ଧି ହୋଇଛି । ବର୍ଷା ଯୋଗୁ ପନିପରିବା ଫସଲ ଦର ବୃଦ୍ଧି କୁହାଯାଉଥିବା ବେଳେ ଡାଲି, ଚାଉଳ, ଜିରା, ଲଙ୍କା, ସୋରିଷ, ଅଦା, ରସୁଣ


ଆଶୁତୋଷ ଦାସ

ଦର ମଧ୍ୟ ଆକାଶ ଛୁଆଁ ହୋଇଛି । ଏସବୁର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବ ବର୍ଗଙ୍କୁ ବହୁ କଷ୍ଟ ଦେଉଛି । କର୍ପୋରେଟ ହାତକୁ ରିଟେଲ ମାର୍କେଟ ଟେକିଦେବା ଏବଂ ସରକାରଙ୍କ ଦୂରଦୃଷ୍ଟି ଅଭାବ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି ।

ଗତ ଦୁଇ ତିନି ମାସ ମଧ୍ୟରେ ଚାଉଳ କୁଇଣ୍ଟାଲ ପିଛା ଦର ୭୦୦ ରୁ ୮୦୦ ଟଙ୍କା ବଢ଼ିଗଲାଣି । ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ଏବେ ତାହା ୩୨ରୁ ୩୫ ଟଙ୍କାରେ ପହଞ୍ଚିଲାଣି । ଚାଉଳ ଦର ଗତ ୧୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ସେହିପରି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ଼ ଡାଲି ଏବେ ୧୮୦ ଛୁଇଁଲାଣି । ମୁଗ, ବୁଟ ଓ ବିରିଡାଲି ମଧ୍ୟ ସମତାଳରେ ବଢ଼ିଚାଲିଛି । କେବଳ ସେତିକି ନୁହେଁ ତରକାରି ସୁଆଦ ପାଇଁ ବ୍ୟବହୃତ ଜିରା, ଗୋଲମରିଚ, ପାନମଧୁରି, ଗୁଜୁରାତି ଦର ମଧ୍ୟ ଏବେ ଅମୂଲ ମୂଲ ହୋଇଛି । ଦୁଇ ମାସ ପୂର୍ବରୁ ଜିରା କିଲୋ ଅଢ଼େଇ ଶହରୁ ତିନିଶହ ଟଙ୍କାରେ ମିଳୁଥିବା ବେଳେ ଏବେ ୭୦୦ ଛୁଇଁଲାଣି । ସେହିପରି ଅଦା ୨୦୦ ଟଙ୍କାରୁ ତଳକୁ ଖସୁ ନଥିବାବେଳେ ରସୁଣ କିଲୋ ମଧ୍ୟ ୧୫୦ ଉପରେ ରହିଛି । ସେହିପରି ଗହମଜାତ ସାମଗ୍ରୀ ଅଟା, ସୁଜି, ମଇଦା ମୂଲ୍ୟ ମଧ୍ୟ ଉପରମୁହାଁ ହେବାରେ ଲାଗିଛି । ଅନ୍ୟପକ୍ଷରେ ପନିପରିବା ବଜାରରେ ଦର ସାମାନ୍ୟ ତଳମୁହାଁ ହୋଇଛି । କିନ୍ତୁ ଟମାଟୋ ୧୦୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ବାଇଗଣ, କଲରା, ପୋଟଳ, ଜହ୍ନି ଓ ଝୁଡ଼ଙ୍ଗ, କାକୁଡି କିଲୋ ୫୦ ତଳକୁ ନାହିଁ । ସେହିପରି କଞ୍ଚାଲଙ୍କା ୨୦୦ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ବିନସ ଦେଢ଼ଶହ ଟଙ୍କାରେ ବିକ୍ରି ହେଉଛି । ଭୁବନେଶ୍ୱର ୧ ନମ୍ବର ହାଟ ହେଉ କି କଟକ ଛତ୍ରବଜାର ସବୁଠି ଅଧିକ ଦରରେ ପନିପରିବା ବିକ୍ରି ହେଉଛି ।

ବଳକା ଚାଉଳ ରାଜ୍ୟ ଓଡ଼ିଶା ଏବେ ଚଢ଼ା ଦରବୃଦ୍ଧି କଷଟିରେ କଷି ହେଉଛି । ସରକାର ରାଜ୍ୟର ପ୍ରାୟ ୨୬ ଲକ୍ଷ କୁଇଣ୍ଟାଲ ବଳକା ଚାଉଳକୁ ବିକିବାକୁ କେନ୍ଦ୍ର ସରକାରଙ୍କ ପଛରେ ଗୋଡ଼ାଇଥିବା ବେଳେ ରାଜ୍ୟରେ ଦରବୃଦ୍ଧି ସାଧାରଣ ଖାଉଟିଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି । ବିଭିନ୍ନ ଖୁଚୁରା ବଜାର ଉପରେ କର୍ପୋରେଟ ହାଉସର ନିୟନ୍ତ୍ରଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଉତ୍ପାଦନ ଆରମ୍ଭରୁ ବଡ଼ ବଡ଼ ମଲ ଓ ଷ୍ଟୋର ଗୁଡ଼ିକ ଅତ୍ୟାବଶ୍ୟକ ସମାଗ୍ରୀ କିଣି ମହଜୁଦ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି । ତିରୋଟ ସମୟରେ ସେମାନେ ଲାଭବାନ ହେଉଥିବା ବେଳ ଗରିବ ଓ ମଧ୍ୟବିତ୍ତ ଲୋକେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି । ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ଅନୁମତି ଦେବା ପରେ ଏଭଳି ପରିସ୍ଥିତି ହୋଇଛି । ବଡ଼ ବଡ଼ ମଲ କରିଥିବା କର୍ପୋରେଟ ସଂସ୍ଥା ବଜାରକୁ ନିୟନ୍ତ୍ରଣ କରୁଛନ୍ତି । ସରକାର ଅସହାୟ ହୋଇଛନ୍ତି । ଯେତେବେଳେ ଦର ଯାହା ହେବ ଖାଉଟି ନେବାକୁ ବାଧ ହେବେ । ଏପଟେ ଚଳିତ ବର୍ଷ ରାଜ୍ୟରେ ଆମ୍ବ ଉତ୍ପାଦନ ବଢ଼ିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଲା । ସେଥିରେ ପୁଣି ବର୍ଷା, ଖରାମାଡ଼ କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ଇନପୁଟ ସବସିଡ଼ି କିମ୍ବା ବୀମାର ଲାଭ ମଧ୍ୟ ପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳେନାହିଁ । ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ବର୍ଷାକୁ ଆଖି ଆଗରେ ପରିବା ଚାଷ କରିବା କେତେ କଷ୍ଟକର ଅନୁମାନ କରାଯାଇପାରେ । ଏଥିଯୋଗୁଁ ଧାନ ଭଳି ପରିବା ଚାଷ କରିବାକୁ ସାହାସ ଜୁଟୁ ନଥିବା ଅନେକ ଚାଷୀ କହନ୍ତି ।

ଉତ୍ପାଦନ ବେଶୀ ନଥିବାରୁ ଚାହିଦା ଓ ଯୋଗଣ ଭିତରେ ବଡ଼ ପାର୍ଥକ୍ୟ ରହିଥାଏ । ରାଜ୍ୟ ଅଧିକାଂଶ ସମୟ ବାହାର ରାଜ୍ୟର ପରିବାର ବଜାର ଉପରେ ନିର୍ଭରଶୀଳ ରହୁଥିବାରୁ ଓ ବର୍ତ୍ତମାନ ଉତ୍ପାଦିତ ପ୍ରଭାବିତ ଥିବାରୁ କିଛି ସମୟ ଦର ଚଢ଼ା ରହିବ ଏବଂ ଆଗାମୀ କିଛି ସପ୍ତାହ ପରେ ନୂଆ ଫସଲ ଆସିବା ପର୍ଯ୍ୟନ୍ତ ଦର ଆହୁରି ବଢ଼ିବ । ସେହିପରି ଆମ୍ଭମାନଙ୍କ ଭିତରେ ବାରି ବଗିଚାରେ କିଛି ନିହାତି ଉତ୍ପାଦିତ କରିପାରୁଥିବା କଞ୍ଚା ଲଙ୍କାଟିଏ ହେଉ ବା ଜହ୍ନି ବୁଦାଏ, ବାଇଗଣ ହେଉ ବା ବିଲାତି ବାଇଗଣ ଏପରିକି ଶାଗ ପଟାଳିଟି କରିବାର ଆଗ୍ରହ ବା ଶ୍ରଦ୍ଧା କିଛି ମାନସିକତା ଆମ ମାନଙ୍କ ଭିତରେ ବି ନାହିଁ । ଏସବୁର ପରାଭବ ଆମ୍ଭମାନଙ୍କୁ ଭୋଗିବାକୁ ପଡ଼ିବ ନିଶ୍ଚୟ । ଆଦବ କାଇଦା ଓ ବାବୁଭାୟା ଜୀବନ ବିତାଇ ନିଜର ଜାଗା ଖଣ୍ଡେ ଥାଇ ମଧ୍ୟ ଯଦି ଆମେ ସର୍ବନିମ୍ନ ବାରିରେ ପନିପରିବା ଗଛଟିଏ ଉଧାଇ ପାରିବା ନାହିଁ ତାହାହେଲେ ଆମେ ପରିବା ବେପାରୀଙ୍କ ଚଢ଼ା ମୂଲ୍ୟକୁ ମୁଣ୍ଡପାତି ସହିବାକୁ ବାଧ ହେବା ନିଶ୍ଚୟ । ପ୍ରଶାସନର ମଧ୍ୟ ବଜାର ଦରକୁ ନିର୍ଦ୍ଦିଷ୍ଟ ଲଗାମ ଲଗାଇବା ପାଇଁ ଆଇନ ଥିଲେ ବି ସେମାନେ ହାତ ଟେକିଦେବା ପାଇଁ ବାଧ ହେଉଛନ୍ତି । ତେଣୁ ଏ କ୍ଷେତ୍ରରେ ବଡ଼ ଚିନ୍ତା କରିବାର ସମୟ ଆସିଛି କାରଣ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ ଓ ଉତ୍କୃଷ୍ଟ ଚାଷ ପାଇଁ ଅନେକ ବର୍ଷ ଧରି କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶା ରାଜ୍ୟ ଶ୍ରେଷ୍ଠ କୃଷି କର୍ମଣ ପୁରସ୍କାର ମଧ୍ୟ ପାଉଛି । ତେବେ ବର୍ତ୍ତମାନର ବଜାରର ଚଢ଼ା ମୂଲ୍ୟ ଆମ ସମସ୍ତଙ୍କ ପାଇଁ କେବଳ ଅର୍ଥନୀତିର ବିଚାର ନୁହେଁ, ନିଜ ବାରିଘରେ କିଛି ଗୋଟିଏ ପନିପରିବା ଗଛ ନଲଗାଇବା କ'ଣ ପାଇଁ? ଏହି ବିଚାରକୁ ଟିକେ ନିଜ ଭିତରକୁ ଗ୍ରହଣ କଲେ ଅନେକ ଉତ୍ତର ଆମେ ପାଇଯିବା ।

'କଳ୍ପନା', ସିଦ୍ଧଳ, କାଦୁଆପଡ଼ା,
ଜଗତସିଂହପୁର,
ଦୂରଭାଷ : ୯୪୩୭୧୭୯୨୭୬

# ସ୍ୱାବଲମ୍ବୀ ଭାରତର ଅଗ୍ରଦୂତ-ଶ୍ରୀଧର

ଶ୍ରୀଧର ବେମ୍ବୁ ଗୋଟିଏ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ନିଜର ଅଧ୍ୟବସାୟ ଓ କୁଶଳୀ ବ୍ୟବସାୟିକ ବୁଦ୍ଧି ଯୋଗୁଁ ଆଜି ସେ ଶ୍ରେଷ୍ଠ ଉଦ୍ୟୋଗପତି ହୋଇପାରିଛନ୍ତି । ତାଙ୍କର ବିଶେଷତ୍ୱ ହେଉଛି ଯେ ସେ ବିଦେଶ ପରିତ୍ୟାଗ କରି ଭାରତର ଏକ ନିକାଞ୍ଚ ମଫସଲ ଗାଁରେ ଉଦ୍ୟୋଗ ପ୍ରତିଷ୍ଠା କରି ହଜାର ହଜାର ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇ ପାରିଛନ୍ତି । ସ୍ୱାବଲମ୍ବନର ମାର୍ଗ ଅବଲମ୍ବନ କରି ସେ ଆଜି ଶୀର୍ଷସ୍ଥାନରେ । ବିଶ୍ୱର ଧନୀକ ତାଲିକାରେ ତାଙ୍କର ନାମ ପ୍ରକାଶ ପାଇଛି ।ଶ୍ରୀଧର ବେମ୍ବୁ ୧୯୬୮ ମସିହାରେ ଚେନ୍ନାଇ ନିକଟସ୍ଥ ତାଞ୍ଜାପୁରଠାରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାମିଲ ଭାଷାରେ ସେ ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି । ସେ ଆଇଆଇଟି ମାଡ୍ରାସରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ନିଜର କଠୋର ଅଧ୍ୟବସାୟ ଯୋଗୁଁ ସେ ଅଧିକ ଅଧ୍ୟାପନା ପାଇଁ ଆମେରିକା ଯାଇଥିଲେ । ୧୯୮୯ରେ ଶ୍ରୀଧର ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡକ୍ଟରେଟ୍ ହାସଲ କଲେ । ପିଏଚଡି କରିବା ସମୟରେ ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ଉପରେ ଗହନ ଅଧ୍ୟୟନ କରିଥିଲେ । ସେହି ସମୟରେ ସେ ଭାରତର ରାଜନୀତି, ସାମାଜିକ ଅବସ୍ଥା ଓ ଅର୍ଥନୀତି ସମ୍ବନ୍ଧରେ ଗଭୀର ଅଧ୍ୟୟନ କଲେ । ଭାରତର ରାଜନୈତିକ ଓ ଆର୍ଥିକ ସଙ୍କଟ କିପରି ଦୂର ହେବ ସେଥିପାଇଁ ସେ ସର୍ବଦା ଚିନ୍ତାମଗ୍ନ ଥିଲେ । ଶ୍ରୀଧର ପିଏଚଡି କରିବା ପରେ ସେନଡିଏଗୋ ସ୍ଥିତ କ୍ୟୁଲକୋମଠାରେ ୱାରଲେସ୍ ଇଞ୍ଜିନିୟର ରୂପେ ଦୁଇବର୍ଷ ଚାକିରି କରିଥିଲେ । ପରେ ସେ ଚାକିରିରୁ ଇସ୍ତଫା ଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ନିଜର ଅଧ୍ୟୟନ ଦ୍ୱାରା ଜାଣିପାରିଥିଲେ ଯେ ଭାରତର ଗ୍ରାମର ବିକାଶ ହେଲେ ଦେଶ ସ୍ୱାବଲମ୍ବୀ ହୋଇପାରିବ । ଏଣୁ ସେ ଚେନ୍ନାଇଠାରୁ ୬୫୦ କି.ମି ଦୂରରେ ତେନକାଶୀ ଜିଲ୍ଲାର ମାଥାଲାମପରାଇ ଗାଁରେ 'ଜୋହୋ' ନାମକ ଏକ କମ୍ପ୍ୟୁଟର ବିଜ୍ଞାନ କେନ୍ଦ୍ର (ସଫ୍ଟୱେର କମ୍ପାନୀ) ପ୍ରତିଷ୍ଠା କଲେ । କଠୋର ପରିଶ୍ରମ ଫଳରେ ନିଜର କମ୍ପାନୀକୁ ସୁଦୃଢ଼ କରିପାରିଲେ । ନୂତନ ସଫ୍ଟୱେର ଟେକ୍ନୋଲୋଜି ଆରମ୍ଭ କରି ସେ ପ୍ରସିଦ୍ଧି ପ୍ରାପ୍ତ କଲେ । ପ୍ରଥମ ବର୍ଷରେ ସେ ପଚାଶ କୋଟି ଡଲାରର ରାଜସ୍ୱ ପାଇଲେ । ନିକାଞ୍ଚ ମଫସଲ ଗାଁରେ ସେ କଷ୍ଟମର ରିଲେସନ୍‌ସିପ ମ୍ୟାନେଜମେଣ୍ଟ ସେବା, ୱେବ-ବେସ୍‌ଡ଼ ଅନଲାଇନ କାର୍ଯ୍ୟାଳୟ ଓ ଆଧୁନିକ କମ୍ପ୍ୟୁଟର ଯୁଗର ସମସ୍ତ କୌଶଳ ଅବଲମ୍ବନ କଲେ ।'ଜୋହୋ' କମ୍ପାନୀ ଆଜି ୫୫ଟି ନୂତନ ପ୍ରକାରର କମ୍ପ୍ୟୁଟର କୌଶଳ (ଆପ୍‌ସ) ଆରମ୍ଭ କରିଛି; ଯଦ୍ୱାରା ସମଗ୍ର ପୃଥିବୀର ସାଢ଼େ ତିନିକୋଟି ଲଘୁଉଦ୍ୟୋଗ ଉପକୃତ ହେଉଛନ୍ତି । ଆଜି ସମଗ୍ର ପୃଥିବୀରେ 'ଜୋହୋ' କର୍ପୋରେସନ ଖ୍ୟାତିଲାଭ କରିଛି


ସର୍ବେଶ୍ୱର ବେହେରା

। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଉଦ୍ୟୋଗରେ ଆଜି ୧୨୦୦୦ ବ୍ୟକ୍ତି କର୍ମସଂସ୍ଥାନ ପାଇପାରିଛନ୍ତି । ନିକଟସ୍ଥ କେତେକ ଗାଁରୁ ମାତ୍ର ଆଇଟିଆଇ ପାସ୍ କରିଥିବା ଯୁବକ ଯୁବତୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ଜୋହୋ କମ୍ପାନୀ ସେମାନଙ୍କୁ ଚାକିରି ପ୍ରଦାନ କରିଛି । ଜୋହୋ ନିଜର ବିଦ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ ସେହି ଗାଁରେ ଆରମ୍ଭ କରିଛି । ଏଥିରେ ବହୁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ରୋଜଗାର ପାଉଛନ୍ତି । ଏହିସବୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ମାଗଣା ଶିକ୍ଷାଲାଭ କରିଥାଆନ୍ତି ।ଶ୍ରୀଧର ଆଜି ୩୭୫କୋଟି ଡଲାରର ମାଲିକ । ଭାରତର ଧନୀକ ତାଲିକାରେ ସେ ୫୫ କ୍ରମାଙ୍କରେ ଅଛନ୍ତି । ଜଣେ ସାଧାରଣ ଷ୍ଟେନୋଗ୍ରାଫର ପିତାର ପୁତ୍ର ହୋଇ ମଧ୍ୟ ସେ ସଫଳତାର ଶୀର୍ଷରେ ରହି ସାଦା ଜୀବନ ଅବଲମ୍ବନ ବିତାଇଥାଆନ୍ତି । ଆଜି ମଧ୍ୟ ଦକ୍ଷିଣଭାରତୀୟ ଧୋତି ଓ ହାପ ସାର୍ଟ ପିନ୍ଧି ସାଇକେଲ ଚଢ଼ି ସେ କାର୍ଯ୍ୟାଳୟକୁ ଆସନ୍ତି ଓ ସମସ୍ତ କର୍ମସଂସ୍ଥାନ ନିରୀକ୍ଷଣ କରନ୍ତି । ଅଧ୍ୟାପନା କାର୍ଯ୍ୟରେ ସେ ଅଧିକ ରୁଚି ପ୍ରଦର୍ଶନ କରିଥାଆନ୍ତି । ଅବକାଶ ସମୟରେ ନିଜର ଜୋହୋ ମହାବିଦ୍ୟାଳୟରେ ସେ ବିଜ୍ଞାନ, ଗଣିତ, ଇଂରାଜୀ ବିଷୟ ଆଦି ପିଲାମାନଙ୍କୁ ପଢ଼ାଉଛନ୍ତି ।ତାଙ୍କର ଲକ୍ଷ୍ୟ ହେଲା ଭାରତର ଗ୍ରାମର ବିକାଶରେ ଦେଶର ବିକାଶ ହୋଇପାରିବ । ଏଣୁ ସେ ନିଜର ବିଶାଳକାୟ କର୍ମସଂସ୍ଥାନ ଏକ ନିକାଞ୍ଚନ ଗାଁରେ ପ୍ରତିଷ୍ଠା କଲେ । ତାଙ୍କର ଏହି ସାହସିକ ପଦକ୍ଷେପ ବହୁତ ଆହ୍ୱାନମୂଳକ ଥିଲା । କିନ୍ତୁ ନିଜର କଠୋର ପରିଶ୍ରମ, ବୁଦ୍ଧିମତ୍ତା ଓ ଅଧ୍ୟବସାୟ ଯୋଗୁଁ ଆଜି ସେ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଛନ୍ତି । ସେ ୭୦୦ କୋଟି ଟଙ୍କା ବାର୍ଷିକ କର ସରକାରଙ୍କୁ ପ୍ରଦାନ କରୁଛନ୍ତି । ତାମିଲନାଡୁର କରଦାତାଙ୍କ ମଧ୍ୟରେ ସେ ଶୀର୍ଷ ସ୍ଥାନରେ ଅଛନ୍ତି । ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଯୋଗୁଁ ସେ ସାଧାରଣ ଜନତାଙ୍କ ଦୁଃଖକୁ ସହଜରେ ବୁଝିପାରିଥାଆନ୍ତି । ତାଙ୍କର କମ୍ପାନୀରେ ବହୁ ଗରିବ ବେକାରୀଙ୍କୁ କର୍ମନିଯୁକ୍ତି ଦେଇଛନ୍ତି । ସେ ୧୨,୦୦୦ କର୍ମଚାରୀଙ୍କୁ ସୁଖସୁବିଧା ପ୍ରଦାନ କରିଆସୁଛନ୍ତି । ସେ ସାଇକେଲ ଚଢ଼ି ଗାଁ ମୁଣ୍ଡରେ ଚା' ଦୋକାନରେ ଛିଡାହୋଇ ଚା' ପିଅନ୍ତି ଓ ସାଧାରଣ ଲୋକଙ୍କ ସହିତ ମିଶି ଆନନ୍ଦ ଉପଭୋଗ କରନ୍ତି ।ଗାଁର ସର୍ବାଙ୍ଗୀନ ବିକାଶ ପାଇଁ ସେ କୃଷି ଉପରେ ଧ୍ୟାନକେନ୍ଦ୍ରିତ କରିଥାଆନ୍ତି । କୃଷକମାନଙ୍କୁ ଜୈବିକ କୃଷି ମାଧ୍ୟମରେ ଚାଷ କରିବାକୁ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିଥାଆନ୍ତି । ଜୈବିକ ଚାଷ ଦ୍ୱାରା ଉତ୍ପାଦିତ ସମସ୍ତ ଉତ୍ପାଦନ ରୋଗମୁକ୍ତ ହୋଇଥାଏ । ଏଣୁ ସେ କୃଷିରେ ରାସାୟନିକ ସାରକୁ ବର୍ଜନ କରିବାକୁ ସମସ୍ତଙ୍କୁ ପ୍ରବର୍ତ୍ତାଇଥାଆନ୍ତି । ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇନଥାଏ । ସେ ୨୦୦୦ କୃଷକଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରି ସ୍ୱାବଲମ୍ବୀ ହେବାକୁ ପ୍ରବର୍ତ୍ତାଇଛନ୍ତି ।ଏବେ ଚେନ୍ନାଇର ପ୍ରାୟ ଏକହଜାର କ୍ଷୁଦ୍ର ଉଦ୍ୟୋଗ (ଷ୍ଟାର୍ଟ ଆପ୍) କମ୍ପାନୀ ଜୋହୋ କର୍ପୋରେସନଠାରୁ ସହଯୋଗ ନେଇ କାର୍ଯ୍ୟ କରୁଛନ୍ତି । ଏହା କମ୍ ଆଶ୍ଚର୍ଯ୍ୟର କଥା ନୁହେଁ । ସହର ଏବେ ଗାଁର କମ୍ପାନୀ ଉପରେ ନିର୍ଭରଶୀଳ । ଏହା କେବଳ ଶ୍ରୀଧରଙ୍କ ଦୃଢ଼ ଆତ୍ମବିଶ୍ୱାସ ଓ କର୍ମଠ ଅଧ୍ୟବସାୟ ଯୋଗୁଁ ସମ୍ଭବ ହୋଇପାରିଛି । ତାଙ୍କର ଏହି ସମାଜ ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ଭାରତ ସରକାର ତାଙ୍କୁ ୨୦୨୧ ମସିହାରେ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଛନ୍ତି । ଭାରତର ସମସ୍ତ ଜିଲ୍ଲାରେ ଯଦି ଏହିପରି ଜଣେ ଜଣେ ଶ୍ରୀଧର କାର୍ଯ୍ୟ କରିବେ ତେବେ ଭାରତ ସ୍ୱାବଲମ୍ବୀ ହୋଇପାରିବ ।

*ଆଡଭୋକେଟ, ଖଟବିନସାହି, କଟକ*
*ମୋ-୮୨୪୯୩୯୩୫୯୧*




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଳିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ





ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

**ଉମାଶଙ୍କର ପ୍ରସାଦ,** ସ୍ତମ୍ଭକାର ତଥା ସାମ୍ବାଦିକ, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପାରାଦୀପରେ ପୁଣି ମାଛ ମଡକ: ବଟନଦୀରେ ଭାସୁଛନ୍ତି ହଜାର ହଜାର ମଲା ମାଛ, ପ୍ରଦୁଷଣ ଆଶଙ୍କା



ପାରାଦୀପ,(ପି.ଏନ):ପାରାଦୀପର ବାଲିଝରା ନିକଟସ୍ଥ ବଟନଦୀରେ ମଙ୍ଗଳବାର ଦିନ ହଜାର ହଜାର ସଂଖ୍ୟାରେ ମଲା ମାଛ ଭାସୁ ଥିବାର ଦେଖିବାକୁ ମିଳିଛି । ମୃତ ମାଛ ମାନଙ୍କର ଦୁର୍ଗନ୍ଧରେ ସ୍ଥାନୀୟ ଅଂଚଳ ସମେତ ପାରାଦୀପରେ ପ୍ରଦୁଷଣ ବ୍ୟାପିଛି । ସୂଚନା ଥାଉକି, ସହର ବସ୍ତି ଅଂଚଳ ଓ ଶିଳ୍ପ କାରଖାନା ମାନଙ୍କର ଆବର୍ଜନା ଜଳ ଓ ବର୍ଯ୍ୟବସ୍ତୁ ମିଶିବା ଯୋଗୁଁ ଏହି ନଦୀଟି ଧିରେ ଧିରେ ପୋତି ହେବା ସଙ୍ଗେ ସଙ୍ଗେ ଏହାର ଜଳ ଭୟଙ୍କର ଭାବେ ପ୍ରଦୁଷିତ ହେବାରେ ଲାଗିଛି । ଅନ୍ୟ ପକ୍ଷରେ ଏହି ନଦୀ ପାଖରେ ବହୁଳ ପରିମାଣରେ ସୁଖୁଆ ତିଆରି ଏବଂ ଏଥିରେ ବ୍ୟବହୃତ କେମିକାଲ ଯୋଗୁଁ ବଟ ନଦୀର ପାଣି ବିଶାକ୍ତ ହୋଇ ମାଛ ମୃତ୍ୟୁର ମୁଖ୍ୟ କାରଣ ବୋଲି କୁହାଯାଉଛି । ପ୍ରକାଶ ଥାଉକି ବିଭିନ୍ନ କାରଣରୁ ବାରମ୍ବାର ଏପରି ଟନ ଟନ ମାଛ ମାନଙ୍କ ମୃତ୍ୟୁ ହେଉଥିବା ସତ୍ୱେ ଏଥିପ୍ରତି କାହାର ଦୃଷ୍ଟି ନାହିଁ । ଯଦିଓ ରାଜ୍ୟ ପ୍ରଦୁଷଣ ବୋର୍ଡର ପାରାଦୀପ ଆଞ୍ଚଳିକ ଶାଖା ରହିଛି, କିନ୍ତୁଏହାର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଲଗାଣ ବର୍ଷା-ଚାଷୀଙ୍କ ପାଇଁ ଆନନ୍ଦ, ପୌରବାସୀଙ୍କ ପାଇଁ ଦୁର୍ଦ୍ଦଶା

କେନ୍ଦ୍ରାପଡା (ପି.ଏନ) : କେନ୍ଦ୍ରାପଡାରେ ବିଳମ୍ବିତ ରାତିରୁ ଲଗାଣ ବର୍ଷା ଆରମ୍ଭ ହୋଇ ଥିବାରୁ ସ୍ଥାନୀୟ କେନ୍ଦ୍ରାପଡା ପୋରାଂଚଳ ର ବିଭିନ୍ନ ୱାର୍ଡ ବାସିନ୍ଦା ମାନେ ବର୍ଷାଜଳ ନିଷ୍କାସନ ଜନିତ ସମସ୍ୟାକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲା । ଲଗାଣ ବର୍ଷାରେ ଦୋକାନ ବଜାର ଠାରୁ ଆରମ୍ଭ କରି ଜନ ସାଧାରଣଙ୍କ ଉପରେ ବ୍ୟାପକ ପ୍ରଭାବ ପଡି ଥିବାର ଦେଖିବାକୁ ମିଳିଛି । ଜିଲ୍ଲା ସାରା ଏହି ବର୍ଷା ଲାଗି ରହିଥିବାରୁ ଦୋକାନ ବଜାର ଖୋଲା ରହୁଥିଲେ ମଧ ଗ୍ରାହକ ମାନଙ୍କ ଅଭାବ ବେପାର ବଣିଜକୁ ମାନ୍ଦା କରି ଦେଇଛି ।

# ଚାଷୀଙ୍କୁ ବିହନ, ତଳି, ପନିପରିବା ମଞ୍ଜି ଓ ସାର ଯୋଗାଣ ସୁନିଶ୍ଚିତ କରାଯାଉ

ଭୁବନେଶ୍ୱର,(ପି.ଏନ୍ୟ ଆଜିଠାରୁ ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଛି । ବିଳମ୍ବିତ ହେଲେ ମଧ ଏହି ବର୍ଷା ଚାଷ ଓ ଚାଷୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି । କିନ୍ତୁ ପ୍ରଥମ ଅଷଡା ବର୍ଷାରେ ବହୁ ଚାଷୀ ବୁଣାବୁଣି କରିଥିଲେ ଓ ତଳି ପକାଇଥିଲେ । ପରେ ଖରା ହେବା ଯୋଗୁଁ ସେ ତଳି ସବୁ ମରିଯାଇଥିଲା ଓ ବୁଣାବୁଣି ହୋଇଥିବା ଧାନ ଗଜା ମରୁଡିରେ ନଷ୍ଟ ହୋଇଯାଇଥିଲା । ଏବେ ବହୁ ଚାଷୀଙ୍କ ପାଖରେ ଧାନ ବିହନ ନାହିଁ । ନୂଆ ତଳି ପକାଇ ରୁଆରୁଇ କରିବା ପାଇଁ କିମ୍ବା ବୁଣାବୁଣି କରିବା ପାଇଁ ଚାଷୀର ବିହନ ଦରକାର । ତେଣୁ ସରକାର ଚାଷୀଙ୍କୁ ବିହନ, ପନିପରିବା ମଞ୍ଜି ଓ ସାର ଯୋଗାଣ ସୁନିଶ୍ଚିତ କରବା ପାଇଁ ତୁରନ୍ତ କୃଷି କ୍ୟାବିନେଟ୍ ଡାକିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ସମାଜବାଦୀ ପାର୍ଟି ରାଜ୍ୟସଭାପତି ରବି ବେହେରା ଏକ ପ୍ରେସ୍ ବିବୃ ିରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସମବାୟ ବ୍ୟାଙ୍କ ମାନଙ୍କୁ ନିର୍ଦ୍ଦେଶ ଦେଇ ଚାଷୀମାନେ କିଭଳି ସୁବିଧାରେ କୃଷିଋଣ ପାଇପାରିବେ ସେ ଦିଗରେ ପଦକ୍ଷେପ ନିଅନ୍ତୁ । କାରଣ ଆଗକୁ ମୌସୁମୀ ଆହୁରି ସକ୍ରିୟ ହେବା ସଙ୍ଗେସଙ୍ଗେ ଲଘୁଚାପ ଯୋଗୁଁ ଭଲ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହୁଛି । ତେଣୁ ସରକାର ଯୁଦ୍ଧକାଳୀନ ଭି ିରେ ଚାଷୀଙ୍କୁ ଚାଷ ପାଇଁ ଆବଶ୍ୟକ ହେଉଥିବା ଏହିସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ କୃଷିଋଣ ସହଜ ଓ ଶସ୍ତାରେ ଯୋଗାଇଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ପ୍ରତି ସପ୍ତାହରେ ଜିଲ୍ଲାସ୍ତରରେ କିଭଳି ଭାବରେ ଚାଷୀଙ୍କୁ ବିହନ, ସାର ଓ କୃଷିଋଣ ଦିଆଯାଉଛି, ତାହାର ମଧ ସମୀକ୍ଷା ହେବାର ଆବଶ୍ୟକତା ରହିଛି ।

## କେନ୍ଦ୍ରାପଡାରେ 'ବିଶ୍ୱ ଯୁବ ଦକ୍ଷତା ଦିବସ' ପାଳନ

କେନ୍ଦ୍ରାପଡା ,(ପି.ଏନ) :କେନ୍ଦ୍ରାପଡ଼ା ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ 'ବିଶ୍ୱ ଯୁବ ଦକ୍ଷତା ଦିବସ' ପାଳନ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷତାର ବୃଦ୍ଧି ହେଲେ କେବଳ ମାନବ ସମ୍ବଳର ବିକାଶ ହୁଏନି ସମାଜରେ ବ୍ୟାପକ ରୂପାନ୍ତର ଆସେ ବୋଲି ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ବିଜୁଦକ୍ଷତା ବିକାଶ କେନ୍ଦ୍ରପରିସରରେ ଆୟୋଜିତ ଏହିକାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ।

## ସ୍ୱାମୀ ସ୍ତ୍ରୀଙ୍କୁ ବୁଝାଇ ଭଙ୍ଗା ଘରକୁ ଯୋଡିଲେ ପରିବାର ଅଦାଲତ ବିଚାରପତି

କେନ୍ଦ୍ରାପଡା (ପି.ଏନ) : ସମାଜରେ ନାନା ପ୍ରକାର ଘଟଣା ଗୁଡିକ ଘଟି ସ୍ୱାମୀ ସ୍ତ୍ରୀ ଅଲଗା ହୋଇଯିବା ଅନେକ ଗୁଡିଏ ମାମଲା ଜିଲ୍ଲା ପରିବାର ଅଦାଲତରେ ପଞ୍ଜିକରଣ ହେଉଛି । ନ୍ୟାୟ ପାଇବା ଆଶାରେ ଉଭୟ ଦୌଡି ଦୌଡି ନିରାଶ ହେଉଥିବା ବେଳେ ଅନେକ ଗୁଡିଏ ମାମଲା କୁ ପରିବାର ଅଦାଲତର ବିଚାରପତି ମାନ୍ୟବର ବିକାଶ ଚନ୍ଦ୍ର ଦେ ସ୍ୱାମୀ ସ୍ତ୍ରୀ ଓ ଉଭୟ ପରିବାରର ସଦସ୍ୟଙ୍କୁ ବୁଝାଇ ଭଙ୍ଗା ପରିବାର କୁ ଯୋଡୁଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ନୟନବିହାର ପାଣ୍ଡିରି ର ସସ୍ମିତା ସାହୁ ୨୦୧୧ ମସିହାରେ ଭୁବନେଶ୍ୱର ର ମଚେଶ୍ୱର ସ୍ଥିତ ୮ ନିରଞ୍ଜନ ସାହୁଙ୍କ ପୁତ୍ର ଅମିତୋଷ ସାହୁଙ୍କୁ ବିବାହ କରିଥିଲେ । ବିବାହର କିଛ ବର୍ଷ ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । କିଛିଦିନ ସୁଖରେ ଚଳିବା ପରେ ସସ୍ମିତାଙ୍କୁ ପରିବାର ତରଫରୁ ନିର୍ଯ୍ୟାତନା ଦେଉଥିବା ନେଇ ପରିବାର ଅଦାଲତରେ ସସ୍ମିତାଙ୍କ ତରଫରୁ ସିଆରପି ୭୭୧/୨୦୨୩ ଓ ୬୧/୨୦୨୩ ରେ ଏକ ଭରଣ ପୋଷଣ ମାମଲା ରୁଜୁ କରିଥିଲେ । ପରିବାର ଅଦାଲତ ବିଚାରପତି ବିକାଶ ଚନ୍ଦ୍ର ଦେ ଉଭୟଙ୍କୁ ଡାକି ବୁଝାସୁଝା କରାଇବା ପରେ ଉଭୟ ଏଥିରେ ରାଜି ହୋଇ ମିଳାମିଶା ହୋଇଥିଲେ । ଏହିଭଳି ଭାବରେ ଶ୍ରୀ ଦେ ଏକ ଭଙ୍ଗା ଘରକୁ ଯୋଡିଥିଲେ । ମାମଲାଟିକୁ ବରିଷ୍ଠ ଆଇନଜୀବି ସ୍ୱୟଂ ପ୍ରକାଶ ଦାସଙ୍କ ସହିତ ଅମ୍ରିତା ମିଶ୍ର, ହୃଷିକେଶ ମହାପାତ୍ର ପରିଚାଳନା କରିଥିଲେ ।
ହିନ୍ଦୁସ୍ଥାନ ସମାଚାର / ରବି

## ଲଗାଣ ବର୍ଷା-ଚାଷୀଙ୍କ ପାଇଁ ଆନନ୍ଦ, ପୌରବାସୀଙ୍କ ପାଇଁ ଦୁର୍ଦ୍ଦଶା

କେନ୍ଦ୍ରାପଡା (ପି.ଏନ) : କେନ୍ଦ୍ରାପଡାରେ ବିଳମ୍ବିତ ରାତିରୁ ଲଗାଣ ବର୍ଷା ଆରମ୍ଭ ହୋଇ ଥିବାରୁ ସ୍ଥାନୀୟ କେନ୍ଦ୍ରାପଡା ପୋରାଂଚଳ ର ବିଭିନ୍ନ ୱାର୍ଡ ବାସିନ୍ଦା ମାନେ ବର୍ଷାଜଳ ନିଷ୍କାସନ ଜନିତ ସମସ୍ୟାକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲା । ଲଗାଣ ବର୍ଷାରେ ଦୋକାନ ବଜାର ଠାରୁ ଆରମ୍ଭ କରି ଜନ ସାଧାରଣଙ୍କ ଉପରେ ବ୍ୟାପକ ପ୍ରଭାବ ପଡି ଥିବାର ଦେଖିବାକୁ ମିଳିଛି । ଜିଲ୍ଲା ସାରା ଏହି ବର୍ଷା ଲାଗି ରହିଥିବାରୁ ଦୋକାନ ବଜାର ଖୋଲା ରହୁଥିଲେ ମଧ ଗ୍ରାହକ ମାନଙ୍କ ଅଭାବ ବେପାର ବଣିଜକୁ ମାନ୍ଦା କରି ଦେଇଛି । ସହରର ୨୧ଟି ୱାର୍ଡର ବିଭିନ୍ନ ତଳିଆ ଅଂଚଳରେ ବର୍ଷାଜଳ ନିଷ୍କାସନ ହେବାକୁ ବାଟ ନଥିବାରୁ ଗାଁ ଓ ସାହି ରାସ୍ତାରେ ବର୍ଷା ପାଣି ଓ ନର୍ଦ୍ଦମା ପାଣି ଏକାକାର ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି । ଫଳରେ ବିଭିନ୍ନ ବସ୍ତି ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ପରିବାର ର ବରିଷ୍ଠ ସଦସ୍ୟ ମାନେ ଘରୁ ବାହାରି ପାରି ନାହାଁନ୍ତି । ତେବେ ବର୍ଷାପାଇଁ ଅପେକ୍ଷା କରିଥିବା ଚାଷୀମାନେ ଲଗାଣ ବର୍ଷାରେ ସେମାନଙ୍କ ପାରମ୍ପରିକ ଚାଷକାର୍ଯ୍ୟ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଯୁବ ପିଢ଼ିଙ୍କୁ ପରିବର୍ତନଶୀଳ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ଦର୍ଶାଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥିତ ୟୁଇସିଏଚ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ ଏବଂ ଯୁବ ପିଢ଼ିଙ୍କ ନିଯୁକ୍ତି ଓ ଆତ୍ମନିଯୁକ୍ତି ବଢ଼ିବାରେ ଏହି ପ୍ରକାର ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଦିବସର ମୂଳ ଲକ୍ଷ୍ୟ ଯୁବପିଢ଼ିଙ୍କ ମଧ୍ୟରେ ବେରୋଜଗାରୀ ଦୂର ତଥା ସେମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଆଣିବା ଅନ୍ୟତମ ପ୍ରଚେଷ୍ଟା ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଶ୍ୱ ବ୍ୟାପି ରୋଜଗାରୀ ଓ ନିମ୍ନଗାମୀ ନିଯୁକ୍ତି ହାରକୁ ନେଇ ଉଦବେଗ ପ୍ରକାଶ କରିବା ସହିତ କୁଳପତି ପ୍ରଫେସର ଆଚାର୍ଯ୍ୟ ପୁଣି କହିଥିଲେ ଯେ ଯୁବପିଢ଼ିଙ୍କୁ ରୋଜଗାର ଯୋଗାଇବା ଓ ସ୍ୱାବଲମ୍ବନ କରିବା, ଦେଶର ଉନ୍ନତି କରିବା ଓ ଯୁବ ପିଢ଼ିଙ୍କୁ କର୍ମ କ୍ଷେତ୍ରରେ ଆଗେଇ ନେବା ଦକ୍ଷତା ବିକାଶର ଉଦେଶ୍ୟ ବୋଲି କହିଥିଲେ । ରାଷ୍ଟ୍ରୀୟ ଉଚ୍ଚଶିକ୍ଷା ଶିକ୍ଷା ଅଭିଯାନ ଅଧିକାରରେ ଥିବା ଉତ୍କଳ ଏଣ୍ଟରପ୍ରେନିୟର ଏଣ୍ଡ କାରୀଏର ହବ (ୟୁଇସିଏଚ) ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ଛାତ୍ର ଛାତ୍ରୀମାନଙ୍କୁ ଦକ୍ଷତା ବିକାଶ ଦିଗରେ ପ୍ରୋତ୍ସାହନ ଯୋଗାଇ ଆସୁଅଛି । ଏହି ଦିବସରେ ପାଳନ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନାଲକୋର ପୂର୍ବତନ ମାନବ ସମ୍ବଳ ନିର୍ଦ୍ଦେଶକ ଡ.ଅଶୋକ କୁମାର ସାହୁ , ପିଜି କାଉନସିଲ ଅଧକ୍ଷା ପ୍ରଫେସର ନବନିତା ରଥ, ରାଷ୍ଟ୍ରୀୟ ଉଚ୍ଚଶିକ୍ଷା ଶିକ୍ଷା ଅଭିଯାନ ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ବଡ଼ମାଳି ଓ ୟୁଇସିଏଚ ର ନିର୍ଦ୍ଦେଶକ ପ୍ରଫେସର ଅବିଦ ଅଲି ଖାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରୋଗ୍ରାମ ମ୍ୟାନେଜେର ଅନନ୍ୟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ଚଳିତ ବର୍ଷ ପାଇଁ ଜାତିସଂଘ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୩ ର ବିଷୟବସ୍ତୁ ହେଉଛି ଏକ ପରିବର୍ତ୍ତନଶୀଳ ଭବିଷ୍ୟତ ପାଇଁ ଶିକ୍ଷକ, ପ୍ରଶିକ୍ଷକ ଏବଂ ଯୁବକମାନଙ୍କୁ ଦକ୍ଷ କରିବା । ଯୁବକମାନେ ଶ୍ରମ ବଜାରକୁ ଯିବା ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ସମାଜରେ ସକ୍ରିୟ ଭାବରେ ଜଡିତ ହେବା ପାଇଁ ଦକ୍ଷତା ପ୍ରଦାନ କରିବାରେ ଶିକ୍ଷକ, ପ୍ରଶିକ୍ଷକ

## ବର୍ଷା ପାଇଁ ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଏସଆରସିଙ୍କ ଚିଠି

ଭୁବନେଶ୍ୱର,(ପିଏନ): ପ୍ରବଳ ବର୍ଷା ନେଇ ସମସ୍ତ ଜିଲ୍ଲାପାଳଓ ସବୁ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଏସଆରସି । ସହରର ତଳିଆ ଅଂଚଳରେ ପାଣି ଜମିଲେ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପମ୍ପ୍ ଲଗାଇ ବର୍ଷା ଜଳ ନିଷ୍କାସନ ଏବଂ ଜଳ ନିଷ୍କାସନ ଲାଗି ଡ୍ରେନ୍ ଗୁଡିକୁ ସଫା ରଖିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି ।

## ସଂପର୍କର ପରିଭାଷା ପୁସ୍ତକ ' ଅନସ୍ପୋକନ ' ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ) : ବିଶିଷ୍ଟ ଐତିହାସିକା ଏବଂ ସୁଲେଖିକା ଶର୍ମିଷ୍ଠା ଗୁପ୍ତଙ୍କ ଅନ୍ୟତମ ସାରସ୍ୱତ ଅବଦାନ ' ଅନସ୍ପୋକନ ' ପୁସ୍ତକ ଓଟିଡିସି ଅଧକ୍ଷ ଡକ୍ଟର ଲେନିନ୍ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ପୁସ୍ତକ ଉନ୍ମୋଚନ କାଳରେ କ୍ରୀଡା ସଚିବ ଆର୍. ଭିନିଲ୍ କ୍ରୀଷ୍ଣା, ବିଶିଷ୍ଟ କ୍ରୀଡା ଉଦ୍ ଘୋଷକ ତଥା ଲେଖିକାଙ୍କ ସ୍ୱାମୀ ବୋରିଆ ମଜୁମଦାର ଓ ସମାଜସେବୀ ତଥା ଅଧିବକ୍ତା ରେଖା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ଉପସ୍ଥିତ ଥିଲେ । ବ୍ୟକ୍ତିଗତ ଅନୁଭୂତି ବେଳେବେଳେ ଅମୂଲ୍ୟ ସାବ୍ୟସ୍ତ ହୁଏ । ଅନୁଭବ ଆଣେ ସତ୍ୟ ଚେତନା । ଉର୍ଦ୍ଧ୍ୱମୁଖୀ ଚେତନା କରେ ସମାଜ କଲ୍ୟାଣ । ବିସ୍ତାରିତ ହୃଦୟର ଭାଷା ଛୁଏଁ ପ୍ରତିଟି ମନ ଓ ପ୍ରାଣକୁ । ନିଜ ଚାରିପାଖର ଚରିତ୍ର ସବୁକୁ ସାଉଁଟି ଆଣି ଅଲିଭା ସ୍ମୃତିରେ ସଜେଇଛନ୍ତି ଶର୍ମିଷ୍ଠା ଗୁପ୍ତ ନିଜ ରଚିତ ପୁସ୍ତକ ' ଅନସ୍ପୋକନ ' ରେ । କୋଭିଡ୍ ମହାମାରୀ ତାଡନାର 'ଅକୁହା କଥା' । ମହାମାରୀ ସମୟରେ ନିଜେ ଲେଖିକା ଦୀର୍ଘକାଳୀନ ମାନସିକ ଅସନ୍ତୁଳନ ଜନିତ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ଓ ବାଧ ବାଧକତାରେ ଘରେ ରହିବା ସମୟରେ ଅତି ନିକଟରୁ ପରଖିଛନ୍ତି ସଂପର୍କର ପରିଭାଷା । ପୀଡିତା ପ୍ରତି ସାମାଜିକ ଦୃଷ୍ଟିକୋଣ, ସଂପର୍କୀୟଙ୍କ ବ୍ୟବହାର ତଥା ପାରିବାରିକ ମନୋଭାବର ତର୍ଜମା କରିଛନ୍ତି ନିରୋଳା ସମୟରେ-ନିର୍ମଳ ଚେତନାରେ-ନିଃସ୍ୱାର୍ଥ ମନୋଭାବରେ । ନିଜେ ଲେଖିକା ଅଙ୍ଗେ ନିଭାଇଥିବା ଅକୁହା କଥାର ସାରମର୍ମ ପ୍ରତିଫଳିତ କରିଛି ପୁସ୍ତକ ' ଅନସ୍ପୋକନ ' । ୱିକିଙ୍ଗ ବୁକ୍ ଫେୟାର୍ସ ' ଦ୍ୱାରା ପ୍ରକାଶିତ ଓ ଇଂରାଜୀ ଭାଷାରେ ଲିଖିତ ଏହି ପୁସ୍ତକ ପ୍ରତ୍ୟେକ ବର୍ଗର ପାଠକଙ୍କୁ ଆକୃଷ୍ଟ କରିବ ବୋଲି ପୁସ୍ତକ ଉନ୍ମୋଚନ ସମୟରେ ଓଟିଡିସି ଅଧକ୍ଷ ଡଃ. ମହାନ୍ତି ଆଶାପୋଷଣ କରିଛନ୍ତି ।




2023-2024
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

Bhubaneswar Wednesday July 19, 2023 ଭୁବନେଶ୍ବର ବୁଧବାର, ଜୁଲାଇ ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରଣପୁର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଠାରେ ଦାବି

ରଣପୁର,(ପି.ଏନ):ରଣପୁରର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ଦଳ ପକ୍ଷରୁ ପ୍ରଦାନ କରାଯାଇଛି। ବିଗତ ଦିନମାଙ୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହୋଦୟ, ରଣପୁରବାସୀ ଓ କଂଗ୍ରେସ ଦଳ ଆପଣଙ୍କୁ ମନେ ପକାଇବାକୁ ଚାହେଁ। ଆପଣ ୨୪ ବର୍ଷ ଶାସନ କ୍ଷମତା ଭିତରେ ବିଭିନ୍ନ ସମୟରେ ରଣପୁରକୁ ନିର୍ବାଚନ ସଭାରେ ଆସି ଭୋଟର ମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇଛନ୍ତି। ୧. ଆପଣ ଆପଣଙ୍କ ନିର୍ବାଚନ ସଭାରେ ରଣପୁରର ଚାନ୍ଦପୁର ଠାରେ ଥିବା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପର ସ୍ପେଷାଲିଷ୍ଟ ହସ୍ପିଟାଲ ସହ ମେଡ଼ିକାଲ କଲେଜ କରିବା ପାଇଁ ଘୋଷଣା କରିଥିଲେ। ୨.ଭଟାବର ଜଳସେଚନ ପ୍ରକଳ୍ପକୁ ପୁନଃଉଦ୍ଧାର କରି ଏହାର ବିସ୍ତାର କରିବା। ୩. ରଣପୁର ଅଂଚଳରେ କୃଷକମାନଙ୍କ ପାଇଁ କୃଷିଜାତ ଦ୍ରବ୍ୟ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର। ୪. ବାଞ୍ଛାବନ୍ଧକୁ ପୁନଃଉଦ୍ଧାର ଓ ସଂପ୍ରସାରଣ।୫.ରଣପୁର ଜଗନ୍ନାଥ ମନ୍ଦିରର ଉନ୍ନତ ପାଇଁ ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥା। ୬. ରଣପୁର ପ୍ରତ୍ୟେକ୍ଷ ଠାକୁରାଣୀ ମା’ ମଣିନାଗ ଉପର ଓ ତଳ ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ସହ ପର୍ଯ୍ୟଟନସ୍ଥଳର ମାନ୍ୟତା। ୭.ରଣପୁରକୁ ସବ୍‌ଡିଭିଜନର ମାନ୍ୟତା। ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଦାବିଗୁଡ଼ିକ ଦୃଷ୍ଟି ଦେଇ ଆପଣଙ୍କ ପ୍ରତିନିଧି ତଥା ୫ଟି ସଚୀବଙ୍କ ଆସନ୍ତା ରଣପୁର ଗ୍ରସ୍ତ ସମୟରେ ଏହି ଦାବିଗୁଡ଼ିକ ଘୋଷଣା ନ କଲେ ରଣପୁର ଅଂଚଳର ଯୁବଛାତ୍ର ଜନସାଧାରଣ ଓ କଂଗ୍ରେସ ଦଳ ପକ୍ଷରୁ ଆପଣଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ମୁହଁରେ କଳାକନା ବାନ୍ଧି ମୌନ ସତ୍ୟାଗ୍ରହ କରି ବିରୋଧ କରାଯିବ ବୋଲି କଂଗ୍ରେସ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ, କଂଗ୍ରେସ ନେତା ରଣପୁର ବାର ଆସୋଏସନ ସମ୍ପାଦକ ସତ୍ୟରଞ୍ଜନ ମତା, ନୟାଗଡ଼ ଜିଲ୍ଲା କଂଗ୍ରେସ ଉପସଭାପତି- ସୁରେନ୍ଦ୍ର କଳସ, ଶତ୍ରୁଘନ ପାଇକରାୟ, ବାଳକୃଷ୍ଣ ଷଡ଼ଙ୍ଗୀ, ନୟାଗଡ଼ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି- ମିର୍ ଅବୁବକ୍କର ସିଦ୍ଧିକ୍, ଯୁବ କଂଗ୍ରେସ ନେତା – ପ୍ରକାଶ ଚନ୍ଦ୍ର ନାୟକ, ବାଦନ ପ୍ରଧାନ, ଚିତେନ୍ଦ୍ର ପ୍ରଧାନ, ପ୍ରଭାତ ମହାନ୍ତି, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ର- ପ୍ରତୀମା ଜେନା, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ – ଅନିଲ ଛୁଆଲସିଂ ଓ ହୃଦାନନ୍ଦ କାଣ୍ଡି ପ୍ରମୁଖ ମିଳିତ ପ୍ରେସ ବିଜ୍ଞପ୍ତିରେ ଦାବି କରିଛନ୍ତି।

# କିସ୍‌କୁ ଇଣ୍ଟରନ୍ୟାସ୍‌ନାଲ୍ ଗ୍ରୀନ୍ ଗାଉନ୍ ପୁରସ୍କାର

ଭୁବନେଶ୍ୱର,(ପି.ଏନ): ସ୍ଥାୟିତ୍ୱରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତିକରଣ ପାଇଁ କିସ୍‌କୁ ସମ୍ମାନଜନକ ଇଣ୍ଟରନ୍ୟାସ୍‌ନାଲ୍ ଗ୍ରୀନ୍ ଗାଉନ୍ ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ‘ଉଦୟ’ ପ୍ରକଳ୍ପ ପାଇଁ ଜୁଲାଇ ୧୭ତାରିଖରେ ଜାତିସଂଘର ସ୍ଥାୟୀ ବିକାଶ ସମ୍ପର୍କିତ ଉଚ୍ଚସ୍ତରୀୟ ରାଜନୈତିକ ଫୋରମ୍‌ରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଗରେ ମିଳିଥିବା ପୁରସ୍କାର ନିମନ୍ତେ କିସ୍ ଭାରତର ଏକମାତ୍ର ଏନ୍‌ଜିଓ ଭାବେ ମନୋନୀତ ହୋଇଛି। ଉଦୟ ପ୍ରକଳ୍ପ ପାଇଁ ୨୫ଟି ଦେଶରୁ ୯୩ଟି ଅନୁଷ୍ଠାନ ଚୂଡ଼ାନ୍ତ ପର୍ଯ୍ୟାୟକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଭାରତରୁ କିସ୍ ଏକମାତ୍ର ହୋଇଥିବା ବେଳେ ଅନ୍ୟାନ୍ୟ ଦେଶରୁ ୧୨ଟି ଅନୁଷ୍ଠାନ ପୁରସ୍କାର ପାଇଛନ୍ତି। ସୂଚନାଯୋଗ୍ୟ, ଜନଜାତି ଯୁବଗୋଷ୍ଠୀଙ୍କୁ ସେମାନଙ୍କ ସମ୍ପ୍ରଦାୟର ବିଭିନ୍ନ ପ୍ରସଙ୍ଗ ସହ ଜଡ଼ିତ କରାଇ ସେମାନଙ୍କୁ ଚେଞ୍ଜ ଏଜେଣ୍ଟରେ ପରିଣତ କରାଇବା ସହ ସେମାନଙ୍କୁ ସଶକ୍ତ କରାଇବା ଉଦ୍ଦେଶ୍ୟରେ ୨୦୧୮ରୁ ୨୨ ପର୍ଯ୍ୟନ୍ତ ଓଡ଼ିଶାର କୋରାପୁଟ, ମାଲକାନଗିରି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ଉଦୟ ପ୍ରକଳ୍ପ କାର୍ଯ୍ୟ କରୁଥିଲା। ଏପରିକି କୋଭିଡ୍ ସମୟରେ ମଧ ଏହି ପ୍ରକଳ୍ପ ଜନଜାତି ଯୁବଗୋଷ୍ଠୀଙ୍କୁ ସଶକ୍ତ କରାଇବାରେ ସମର୍ଥ ହୋଇପାରିଥିଲା। ଜାତିସଂଘର ପରିବେଶ କାର୍ଯ୍ୟକ୍ରମ, ରାଜ୍ୟଗୋଷ୍ଠୀ ବିଶ୍ୱବିଦ୍ୟାଳୟ ସଂଘ (ଏସିୟୁ), ଏୟୁଏଫ୍, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସଂଘ (ଆଇଏୟୁ) ଏବଂ ଉଚ୍ଚଶିକ୍ଷା ସ୍ଥାୟୀ ପ୍ରୟାସ (ଏଚ୍‌ଇଏସ୍‌ଆଇ) ସହଯୋଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏକ ସ୍ଥାୟୀ ବିଶ୍ୱ ଗଠନ ପ୍ରୟାସକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଦୀର୍ଘ ଦିନ ଧରି କିସ୍ ଏହି କ୍ଷେତ୍ରରେ ପ୍ରଭାବୀ ଓ ସର୍ଜନାତ୍ମକ ଢ଼ଙ୍ଗରେ କାର୍ଯ୍ୟ କରିଆସୁଥିବାରୁ କିସ୍‌କୁ ଏହି ପୁରସ୍କାକ ପ୍ରଦାନ କରାଯାଉଛି ବୋଲି ପୁରସ୍କାର ଚୟନ କମିଟି ପକ୍ଷରୁ କୁହାଯାଇଛି। କିସ୍ ନିଜ ଲକ୍ଷ୍ୟ ପଥରେ ଯାତ୍ରା ସମୟରେ ପାଇଥିବା ସଫଳତା ଓ ଚ୍ୟାଲେଞ୍ଜଗୁଡ଼ିକୁ ସମାନ ଭାବେ ଗ୍ରହଣ କରି ଅନୁଷ୍ଠାନର ସାହସିକତା, ଆତ୍ମ ବିଶ୍ୱାସ ଓ ନମ୍ରତା ପ୍ରଦର୍ଶନ କରିଛି ବୋଲି ପୁରସ୍କାର ଚୟନ କମିଟି ପକ୍ଷରୁ କୁହାଯାଇଛି। ଏହି ସ୍ୱୀକୃତି ଜଳବାୟୁ ଓ ଜୈବ ବିବିଧତା ସମସ୍ୟାର ସମାଧାନ କ୍ଷେତ୍ରରେ ଉଚ୍ଚତର ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରୁଛି। ଏହି ପୁରସ୍କାର ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍‌ର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇବା ସହ ଏକ ସ୍ଥାୟୀ ବିଶ୍ୱ ଗଠନରେ କାର୍ଯ୍ୟ କରିବାକୁ ଏହି ପୁରସ୍କାର ଆହୁରି ଉତ୍ସାହିତ କରିବ ବୋଲି କହିଛନ୍ତି।

# ବିଜେପିର ବରିଷ୍ଠ ନେତା ପୁଲିନ ବିହାରୀ ନାୟକଙ୍କ ଅକାଳ ବିୟୋଗ

ତାଳଚେର,(ପି.ଏନ): ତାଳଚେର ବିଜେପି ର ବରିଷ୍ଠ ନେତା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତାଳଚେର ପୌର ମଣ୍ଡଳ ପ୍ରଭାରୀ ପୁଲିନ ବିହାରୀ ନାୟକ ଙ୍କ ର ହୃଦଘାତ ରେ ୫୨ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି ।ମଙ୍ଗଳବାର ଅପରାହ୍ନ ରେ ଛାତି ରେ ଯନ୍ତ୍ରଣା ଅନୁଭବ କରି ଥର୍ମାଲ ମେଡିକାଲ ରେ ଚ଼ିକିତ୍ସାଧୀନ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି ।ସମଗ୍ର ତାଳଚେର ଅଂଚ଼ଳ ରେ ସେ ଜଣାଶୁଣା ଥିଲେ ।ତାଙ୍କର ମୃତ୍ୟୁ ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି ।ତାଙ୍କର ମୃତ୍ୟୁ ରେ ପାର୍ଟି ପାଇଁ ବିଶେଷ କ୍ଷତି ଘଟିଛି ।ଶୋକ ସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇବା ସହ ଏ ଅସମୟ ରେ ତାଙ୍କର ପରିବାର ଙ୍କୁ ମହାପ୍ରଭୁ ସହାୟ ହୁଅନ୍ତୁ ବୋଲି ଶ୍ରୀ ପ୍ରଧାନ ଏକ ଶୋକ ବାର୍ତାରେ ଜଣାଇଛନ୍ତି ।ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି ।ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଥର୍ମାଲ ମେଡିକାଲ ରେ ଉପସ୍ଥିତ ରହିବା ସହ ଶେଷକୃତ୍ୟ ରେ ସାମିଲ ହୋଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଶହ ଶହ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତା ଓ ସାଧାରଣ ଲୋକ ହସ୍ପିଟାଲ ଠାରୁ ଘର ଏବଂ ଶେଷକୃତ୍ୟ ରେ ସାମିଲ ହୋଇଥିଲେ । ବିଜେପି ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା,ବରିଷ୍ଠ ନେତା ଯଯାତି ପଟ୍ଟନାୟକ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା,ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ,ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ,ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର,ରତ୍ନାକର ସାହୁ, ରାଜେନ୍ଦ୍ର ସିଂହ,ବରୁଣ ସାହୁ, ସତ୍ୟବନ୍ତ ସାହୁ, ନରେନ୍ଦ୍ର ସାହୁ,ସମସ୍ତ ମଣ୍ଡଳ ସଭାପତି,ସାଧାରଣ ସମ୍ପାଦକ ସମସ୍ତ ବରିଷ୍ଠ ନେତା ଶେଷ ଦର୍ଶନ ସହଶେଷକୃତ୍ୟ ରେ ସାମିଲ ହୋଇଥିଲେ ।

# ଯାଜପୁର ବିଶିଷ୍ଟ ସମାଜସେବୀ ପାଣ୍ଡବ ଚରଣ ସାହୁଙ୍କର ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର,(ପି.ଏନ): ଯାଜପୁରର ବିଶିଷ୍ଟ ସମାଜସେବୀ ପାଣ୍ଡବ ଚରଣ ସାହୁଙ୍କର ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ନହରପଦା ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ବିଶ୍ୱମ୍ବର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିରଜା ଜ୍ୟୋତିର ସଂପାଦକ ଡ. ଜ୍ଞାନରଂଜନ ପତି ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ୍ର ଓ ପ୍ରଶାନ୍ତ ପତି ଗୀତା ପାଠ କରିଥିଲେ। ସେ ଜଣେ ଯାଜପୁରର ବହୁମୁଖୀପ୍ରତିଭା ଓ ସଂସ୍କୃତି ସାଧକ ଏବଂ ନିରଳସ ବ୍ୟକ୍ତିତ୍ୱ ଥିଲେ। ସେ ବିରଜା ସେବା ସମିତି, ଅନନ୍ୟା ସାହିତ୍ୟ ସଂସଦ, ଗୀତାଜଗାରଣ ପରିଷଦ, ଆହ୍ୱାନ ନାଟ୍ୟ ସଂସ୍ଥା, ବରାହ ଜୀଉ ଉନ୍ନୟନ କମିଟି, ପୂର୍ଣ୍ଣାନନ୍ଦ ସ୍ମୃତିପାଠାଗାର, ତୈଳିକ ବୈଶ୍ୟ ସମାଜ, ବରିଷ୍ଠ ନାଗରିକ ସଂଘ, ଯାଜପୁର ବାଲିମେଲଣ କମିଟି, ବିରଜା ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ରୋଟାରୀ କ୍ଲବ, ଅଫିସର୍ସ କ୍ଲବ ପ୍ରଭୃତି ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତା ଥିଲେ ଏବଂ ଓରିଏଣ୍ଟାଲ୍ ଜେନେରାଲ୍ ଇନ୍‌ସୁରାନ୍ସ କମ୍ପାନୀର ଅଧିକାରୀ ଭାବରେ ସେବା ନିବୃତ୍ତ ହୋଇ ଥିଲେ ମଧ ସମାଜ ସେବା ଓ ସାଂସ୍କୃତିକ ଚେତନାର ସମୃଦ୍ଧି ତାଙ୍କର ନିଶାଥିଲା। ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକ, ବିଶିଷ୍ଟ ଆଇନଜୀବୀ ଶ୍ରୀନାଥ ମିଶ୍ର, ବିଭୂତି ମହାପାତ୍ର, ଆଦିତ୍ୟ ମହାନ୍ତି, ପ୍ରଫେସର ଜୟକୃଷ୍ଣ ଦାସ, ପୂର୍ବତନ ଏମ୍.ପି. ଅ ଳ ଦାସ, ପ୍ରଫେସର ଦାମୋଦର ବେହେରା, ଡ. ଅକ୍ଷୟ କୁମାର ପଣ୍ଡା, ଗଦାଧର ରାଉତ, ଶରତ କୁମାର ଜେନା, ଅଧିକାରୀ ନବ କିଶୋର ଦାସ, ବନବିହାରୀ ମହାପାତ୍ର, ସୁବାସ ମହାପାତ୍ର, ଅଶୋକ କୁମାର ରାଉତ, ଦିଗମ୍ବର କର, କାମେଶ୍ୱର ପଣ୍ଡା, ମୋହନ ଚରଣ ଦାସ, ପ୍ରୀତିରଂଜନ ସାହୁ, ମୀନକେତନ ସାହୁ, ଡଃ ବିନୋଦ ଚନ୍ଦ୍ର ନାୟକ, ମଧୁସୂଦନ ମହାନ୍ତି, ବିଜୟ କୁମାର ସାହୁ, ହରେକୃଷ୍ଣ ସାହୁ, ବାଇଧର ସାହୁ, ଜ୍ଞାରଂଜନ ସାହୁ, ବୃନ୍ଦାବନ ସ୍ୱାଇଁ, ଭରତ ସାହୁ, ଶରତ ସାହୁ, ଦୀପକ ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ଯାଜପୁର ବିଶିଷ୍ଟ ସମାଜସେବୀ ପାଣ୍ଡବ ଚରଣ ସାହୁଙ୍କର ଶ୍ରଦ୍ଧାଞ୍ଜଳି ସଭା



ଯାଜପୁର:(ପି.ଏନଯାଜପୁରର ବିଶିଷ୍ଟ ସମାଜସେବୀ ପାଣ୍ଡବ ଚରଣ ସାହୁଙ୍କର ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ନହରପଦା ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ବିଶ୍ୱମ୍ବର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିରଜା ଜ୍ୟୋତିର ସଂପାଦକ ଡ. ଜ୍ଞାନରଂଜନ ପତି ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ୍ର ଓ ପ୍ରଶାନ୍ତ ପତି ଗୀତା ପାଠ କରିଥିଲେ। ସେ ଜଣେ ଯାଜପୁରର ବହୁମୁଖୀପ୍ରତିଭା ଓ ସଂସ୍କୃତି ସାଧକ ଏବଂ ନିରଳସ ବ୍ୟକ୍ତିତ୍ୱ ଥିଲେ। ସେ ବିରଜା ସେବା ସମିତି, ଅନନ୍ୟା ସାହିତ୍ୟ ସଂସଦ, ଗୀତାଜଗାରଣ ପରିଷଦ, ଆହ୍ୱାନ ନାଟ୍ୟ ସଂସ୍ଥା, ବରାହ ଜୀଉ ଉନ୍ନୟନ କମିଟି, ପୂର୍ଣ୍ଣାନନ୍ଦ ସ୍ମୃତିପାଠାଗାର, ତୈଳିକ ବୈଶ୍ୟ ସମାଜ, ବରିଷ୍ଠ ନାଗରିକ ସଂଘ, ଯାଜପୁର ବାଲିମେଲଣ କମିଟି, ବିରଜା ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ରୋଟାରୀ କ୍ଲବ, ଅଫିସର୍ସ କ୍ଲବ ପ୍ରଭୃତି ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତା ଥିଲେ ଏବଂ ଓରିଏଣ୍ଟାଲ୍ ଜେନେରାଲ୍ ଇନ୍‌ସୁରାନ୍ସ କମ୍ପାନୀର ଅଧିକାରୀ ଭାବରେ ସେବା ନିବୃତ୍ତ ହୋଇ ଥିଲେ ମଧ ସମାଜ ସେବା ଓ ସାଂସ୍କୃତିକ ଚେତନାର ସମୃଦ୍ଧି ତାଙ୍କର ନିଶାଥିଲା। ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକ, ବିଶିଷ୍ଟ ଆଇନଜୀବୀ ଶ୍ରୀନାଥ ମିଶ୍ର, ବିଭୂତି ମହାପାତ୍ର, ଆଦିତ୍ୟ ମହାନ୍ତି, ପ୍ରଫେସର ଜୟକୃଷ୍ଣ ଦାସ, ପୂର୍ବତନ ଏମ୍.ପି. ଅ ଳ ଦାସ, ପ୍ରଫେସର ଦାମୋଦର ବେହେରା, ଡ. ଅକ୍ଷୟ କୁମାର ପଣ୍ଡା, ଗଦାଧର ରାଉତ, ଶରତ କୁମାର ଜେନା, ଅଧିକାରୀ ନବ କିଶୋର ଦାସ, ବନବିହାରୀ ମହାପାତ୍ର, ସୁବାସ ମହାପାତ୍ର, ଅଶୋକ କୁମାର ରାଉତ, ଦିଗମ୍ବର କର, କାମେଶ୍ୱର ପଣ୍ଡା, ମୋହନ ଚରଣ ଦାସ, ପ୍ରୀତିରଂଜନ ସାହୁ, ମୀନକେତନ ସାହୁ, ଡଃ ବିନୋଦ ଚନ୍ଦ୍ର ନାୟକ, ମଧୁସୂଦନ ମହାନ୍ତି, ବିଜୟ କୁମାର ସାହୁ, ହରେକୃଷ୍ଣ ସାହୁ, ବାଇଧର ସାହୁ, ଜ୍ଞାରଂଜନ ସାହୁ, ବୃନ୍ଦାବନ ସ୍ୱାଇଁ, ଭରତ ସାହୁ, ଶରତ ସାହୁ, ଦୀପକ ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ପାରାଦୀପରୁ ଇସଜେକ୍ କମ୍ପାନୀ କୋଟି କୋଟି ଟଙ୍କା ବକେୟା ପ୍ରାପ୍ୟ ନଦେଇ ଫେରାର

ପାରାଦୀପ ,(ପି.ଏନ): ପାରାଦୀପ ବନ୍ଦରରେ କେଆଇସିଟିପିପିଏଲ ଅଧିନରେ କାର୍ଯ୍ୟ କରୁଥିବା ଇସଜେକ୍ କମ୍ପାନୀ ସ୍ଥାନୀୟ ଠିକାଦାରଙ୍କର କୋଟି କୋଟି ଟଙ୍କାର ବକେୟା ପ୍ରାପ୍ୟ ନଦେଇ ଫେରାର ହୋଇଯାଇଥିବା ଖବର ମିଳିଛି। ଏହି ଠିକାଦାର ମାନେ ବିଭିନ୍ନ ମେସିନ, ଗୋଡି ଓ ବାଲି, ଶ୍ରମିକ ଇତ୍ୟାଦି ସମ୍ପୃକ୍ତ କମ୍ପାନୀରେ ଯୋଗାଇଥିବା ବେଳେ ଏବାବଦରେ କୋଟି କୋଟି ଟଙ୍କା ପ୍ରାପ୍ୟ ନଦେଇ କିପରି ପଳାଇଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ନିୟମ ଅନୁଯାୟୀ ଏପରି ଅବସ୍ଥାରେ ମୁଖ୍ୟ ଠିକା ସଂସ୍ଥା ବକେୟା ପ୍ରାପ୍ୟ ଦେବାର ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏବଂ ଠିକାଦାର ମାନେ କେଆଇସିଟିପିପିଏଲ ର ସାଧାରଣ ପରିଚାଳକ ଭବେଶ ପଟେଲଙ୍କୁ ବାରମ୍ବାର ଜଣାଇଥିଲେ ମଧ ସେ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଶେଷରେ ବାଧ ହୋଇ ଏହି କମ୍ପାନୀରେ କାର୍ଯ୍ୟ କରି ବକେୟା ପ୍ରାପ୍ୟ ପାଇ ନଥିବା ଠିକାଦାର ମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।

# ଶାଶ୍ୱତ ଝର’ର ଲୋକାର୍ପଣ ଉତ୍ସବ



ଭୁବନେଶ୍ୱର,(ପି.ଏନ): ଏକ ଖୁସିର ବିଷୟ ଯେ ମୋର କବିତା ସଙ୍କଳନ ନଶାଶ୍ୱତ ଝର’ର ଲୋକାର୍ପଣ ଉତ୍ସବ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଏକ ମନୋରମ ପରିବେଶରେ ଜୁଲାଇ ୧୬ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅନ୍ୟାନ୍ୟ ମଂଚ଼ାସୀନ ଅତିଥି ମଧ୍ୟରେ ସ୍ୱନାମଧନ୍ୟ ବାଗ୍ମୀ ଓ ସୁବକ୍ତା ପ୍ରଫେସର ବ୍ରଜ ମୋହନ ମିଶ୍ର , ପ୍ରଫେସର ରାଧାରାଣୀ ମହାପାତ୍ର , ପ୍ରଫେସର ହୃଦାନନ୍ଦ ପାଣିଗ୍ରାହୀ , ପ୍ରୋଫେସର ସୁଦର୍ଶନ ବାରିକ୍ ଓ ଶ୍ରୀଯୁକ୍ତ ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ । କବି ହର ମୋହନ ଦାଶଙ୍କ କବିତାର ବିଭିନ୍ନ ଦିଗ ଉପରେ ସମ୍ୟକ ଆଲୋକପାତ କରି କବିତା ଗୁଡିକରେ ଭକ୍ତି, ପ୍ରେମ , ସମର୍ପଣ ଭାବ ଓ ଜଗତ କଲ୍ୟାଣ ପାଇଁ ପରମପିତାଙ୍କୁ ଆକୁଳ ନିବେଦନ ବିଶେଷ ଭାବେ ପ୍ରତିଫଳିତ ହୋଇଛି ବୋଲି ମନ୍ତବ୍ୟ ଦେଇଥିଲେ । ପାଠକମାନେ ଏହି ଭକ୍ତି ରସାତ୍ମକ କବିତା ପୁସ୍ତକଟିକୁ ନିଶ୍ଚୟ ଉପଭୋଗ କରିବେ ତଥା ଜୀବନଯାତ୍ରାକୁ ପରିମାର୍ଜିତ ଓ ଉନ୍ନତ କରିବେ ବୋଲି ଆଶା ପ୍ରକଟ କରୁଛୁ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray